# ବିଦ୍ୟାଳୟରେ ନୈତିକ ଶିକ୍ଷା ଦରକାର

## ଟିଚର୍ସ କ୍ଲବ୍‌ର ବାର୍ଷିକ ଉତ୍ସବ

ସିଂହପୁର, ୨୩।୩ (ଅନଙ୍ଗ ଉଦୟ ବେଉରିଆ)



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିଗଣ।

ବିଞ୍ଝାରପୁର ବ୍ଲକ୍ ଟିଚର୍ସ କ୍ଲବ୍‌ର ଷୋଡ଼ଶ ବାର୍ଷିକ ଉତ୍ସବ ସୟଦପୁରସ୍ଥ ବ୍ରଜସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଭୟ ଚରଣ ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ପୁଷ୍ପକାନ୍ତ ମଲ୍ଲିକ, ମୁଖ୍ୟବକ୍ତା ଡ. ନୃସିଂହ ଚରଣ ବେହେରା, ବିଶିଷ୍ଟ ବକ୍ତା ସୁରେନ୍ଦ୍ର କୁମାର ରାୟ ଓ ସମ୍ମାନିତ ଅତିଥି ଭାବେ ସାଗରିକା ନାଥ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଉପସଭାପତି ଅକ୍ଷୟ କୁମାର ସେଠୀ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଟିଚର୍ସ କ୍ଲବର ପୂର୍ବତନ ସଭାପତି ବିଜୟ କୁମାର ନାୟକ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ରଖିଥିବା ବେଳେ ସମ୍ପାଦକ ଭାରତ ଭୂଷଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ନୈତିକ ଶିକ୍ଷା ପ୍ରସଙ୍ଗ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସମାଜରେ ନୈତିକ ମୂଲ୍ୟବୋଧର ଅବକ୍ଷୟକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ନୈତିକ ଶିକ୍ଷାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ଆଲୋଚନା ଚକ୍ରକୁ ଶିକ୍ଷାବିତ୍ ପ୍ରମୋଦ କୁମାର ସାମଲ, ସୁରେନ୍ଦ୍ର କୁମାର ପତି ଓ ଦୀନବନ୍ଧୁ ଧଳ ପରିଚାଳନା କରିଥିଲେ। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଶିକ୍ଷାବିତ୍ ରବିନାରାୟଣ ସାମଲ, ସୁବୋଧ କୁମାର ସାହୁ ବୀଣାପାଣି ଧଳ, ଛାୟାପତି ଜେନା ଓ ବାସୁଦେବ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ୍‌ର ମାଟ୍ରିକ୍ ଟପ୍ପରମାନଙ୍କୁ ପୁରୁଷୋତ୍ତମ ସାହୁ ମେଧା ସମ୍ମାନ, ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାଧବାନନ୍ଦ ଗୁରୁ ମେଧା ସମ୍ମାନ, ବ୍ଲକ୍‌ସ୍ତରୀୟ ପ୍ରତିଭା ପ୍ରତିଯୋଗିତାରେ ସଫଳତାପ୍ରାପ୍ତ ପିଲାଙ୍କୁ ପଦ୍ମନାଭ ଦାସ ମେଧା ସମ୍ମାନ, ଭବାନୀ ପ୍ରସାଦ ସ୍ମୃତି ସମ୍ମାନ, ମନୋରଞ୍ଜନ ସାହୁ ମେଧା ସମ୍ମାନ ଓ ରଶ୍ମିରଞ୍ଜନ ସ୍ମୃତି ସମ୍ମାନ ଆଦି ପ୍ରଦାନ କରାଯାଇଥିଲା। ପୃଷ୍ଠପୋଷକ ସଚ୍ଚିଦାନନ୍ଦ ଗୁରୁ, ପ୍ରମଥେଶ ଦାସ, ଭାଗ୍ୟଶ୍ରୀ ସାହୁ ଓ ଅର୍ଚ୍ଚନା ଆଚାର୍ଯ୍ୟ ଉପସ୍ଥିତ ରହି ଏସବୁ ପୁରସ୍କାର ପ୍ରଦାନ କରିଥିଲେ। ଉପଦେଷ୍ଟା ଉମେଶ ଚନ୍ଦ୍ର ସାମଲ, ଅର୍ଜୁନୀ ଦାଶ, ରବୀନ୍ଦ୍ର କୁମାର ଦାସ, ଚନ୍ଦ୍ରଭାନୁ ଜେନା, ଗୌରାଙ୍ଗ ଚରଣ ସ୍ୱାଇଁ ଓ ସୁବାସ ଚନ୍ଦ୍ର ନାୟକ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶିକ୍ଷାବିତ୍ ନିରଞ୍ଜନ ଦାସ, ରାମଚନ୍ଦ୍ର ନାୟକ, ମେଘନାଦ ମହାଳିକ, ଚନ୍ଦ୍ରମଣି ନାୟକ, ଆତ୍ମଜ ଦାସ ଓ ମିନତୀ ସାହୁ ମାଟ୍ରିକ ଟପ୍ପରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ଅନ୍ତର୍ଯାମୀ ମହାପାତ୍ର, ସାଉଁଟି ଚରଣ ମଲ୍ଲିକ ଓ ପଦ୍ମାକର ଗୁରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ ବିଷ୍ଣୁ ଚରଣ ସାମଲ ଧନ୍ୟବାଦ ଦେଇଥିଲେ।

# ମହାନ୍ ବିପ୍ଳବୀ ଶହୀଦ ଭଗତ ସିଂଙ୍କ ୯୫ତମ ଫାଶୀ ଦିବସ



ଫାଶୀ ଦିବସ ପାଳନରେ ମଞ୍ଚାସୀନ ଅତିଥି।

ବ୍ୟାସନଗର, ୨୩।୩ (ପବିତ୍ର ରଞ୍ଜନ ମହାନ୍ତି)

ମହାନ୍ ବିପ୍ଳବୀ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ପରିପ୍ରେକ୍ଷୀରେ ଭଗତ ସିଂ ସ୍ମୃତି ସଂସଦ ପକ୍ଷରୁ ଏକ ଆଲୋଚନା ସଭା ବ୍ୟାସନଗରସ୍ଥିତ ଅଭିମନ୍ୟୁ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ସ୍ମୃତି ସଂସଦର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଉକ୍ତ ଆଲୋଚନା ସଭାକୁ ଶିକ୍ଷକ ନେତା ଡ. ଦୁଷ୍ମନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ଭଗତ ସିଂଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଲୋଚନା ସଭାରେ ଯାଜପୁର ଜିଲା ଟ୍ୟାକ୍ସବାର୍ ଆସୋସିଏଶନର ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, କାଉନସିଲର କୁମୁଦିନୀ ରାଉତ, ଉଦୟ ବଟର ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତ, ଖବରଦାତା ପବିତ୍ର ରଞ୍ଜନ ମହାନ୍ତି, ସ୍ମୃତିସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସଂସଦ ପକ୍ଷରୁ ପ୍ରାରମ୍ଭରେ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିବାବେଳେ ଶେଷରେ ରଶ୍ମିରେଖା ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ସଂସଦ ପକ୍ଷରୁ ୧୦ଜଣ ଶ୍ରମିକ ଲକ୍ଷ୍ମୀ ହେମ୍ବ୍ରମ, ଗୌରୀ ନାୟକ, ଅଭିମନ୍ୟୁ ବିଶ୍ୱାଳ, ପ୍ରମିଳା ନାୟକ, ନୀତିମା ତିୟୁ, ଆଶା ସାମଡା, ରସାଇ ବଦ୍ରା, ବାସନ୍ତୀ ନାୟକ, ଜଗା ମୁଣ୍ଡା, ଗଙ୍ଗା ନାୟକ ଓ ଫରିଦା ବିବି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣବ ଜୀ, ପାନୀ କିସ୍କୁ, ମାଳତୀ ହାଁସଦା, ରସ୍ମିତା ବିନ୍ଧାଣି, ଗୋବିନ୍ଦ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଦୁର୍ବୃତ୍ତ ଯୁବତୀ ବେକରୁ ସୁନା ଚେନ୍ ଝାମ୍ପି ନେଲେ

କାଏମା, ୨୩।୩(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅଧୀନ ଜାରକା ଫାଣ୍ଡିଠାରୁ ମାତ୍ର ଶହେ ମିଟର ଦୂରରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ବେକରୁ କଳାରଙ୍ଗର ପଲସର୍ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇଛନ୍ତି। କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମର ଅଶୋକ କୁମାର ବାରିକଙ୍କ ଝିଅ ଅଭିଲିପ୍ସା ଜାରକା ମାଛ ବଜାର ନିକଟରେ ଥିବା ମାଉସୀ ଘରକୁ ଆସିଥିବାବେଳେ ସନ୍ଧ୍ୟାରେ ମାଉସୀଙ୍କ ସଙ୍ଗୀତ ଦାସଙ୍କ ସହ ବଜାରକୁ ଯାଇଥିଲେ। ତେବେ ତାଙ୍କ ପଛ ପଟୁ ଏକ କଳାରଙ୍ଗର ପଲସରରେ ଦୁର୍ବୃତ୍ତମାନେ ଆସି ବେକରୁ ସୁନା ଚେନ ଓ ଲକେଟ ଝାମ୍ପି ନେଇଛନ୍ତି। ଅଭିଲିପ୍ସା ଓ ତାଙ୍କ ମାଉସୀ ଜାରକା ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରା ଏବଂ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟ ସାହୁଙ୍କୁ ଏ ବିଷୟରେ ଜଣାଇଛନ୍ତି। ଘଟଣାସ୍ଥଳକୁ ପୋଲିସ ଯାଇ ତନାଘନା କରିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ ବେହେରା କହିଛନ୍ତି।

# ବିରଜା ପ୍ରକଳ୍ପର ସମୀକ୍ଷା କଲେ ମନ୍ତ୍ରୀ


ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରଜା ପ୍ରକଳ୍ପ ସମୀକ୍ଷା ବୈଠକରେ ବିଧାୟକଗଣ ଓ ପ୍ରଶାସନିକ ଅଧିକାରୀ।

ଯାଜପୁର ଟାଉନ/ଯାଜପୁର ସଦର, ୨୩।୩
( ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ )

ରାଜ୍ୟ ଆଇନ, ଅବକାରୀ ଓ ନିର୍ମାଣ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯାଜପୁର ଗସ୍ତରେ ଆସି ସୋମବାର ବିରଜା ପ୍ରକଳ୍ପର ସମୀକ୍ଷା ବୈଠକରେ ଯୋଗ ଦେଇଛନ୍ତି। ସ୍ଥାନୀୟ ସର୍କିଟ ହାଉସରେ ଆୟୋଜିତ ବୈଠକରେ ମନ୍ତ୍ରୀଙ୍କ ସହ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ, ଜିଲାପାଳ ଅମ୍ବର କୁମାର କର ମଧ ଉପସ୍ଥିତ ଥିଲେ। ମନ୍ତ୍ରୀ ଏବଂ ବିଧାୟକଗଣ ସର୍କିଟ ହାଉସର ନୂତନ କୋଠାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ହରିଚନ୍ଦନ ବିରଜା ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ବିରଜା ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ ଆଗେଇ ଚାଲିଛି। ପ୍ରାୟ ୧୧୪ କୋଟି ଟଙ୍କାର ଏହି ପ୍ରକଳ୍ପରେ ମନ୍ଦିର ଭିତର କାମ, ବାହାର ପାର୍ଶ୍ୱରେ ପାର୍କିଂ, ଧର୍ମଶାଳା, ବ୍ରହ୍ମାକୁଣ୍ଡର ଉନ୍ନତୀକରଣ, ରଥ ଗୋଦାମ ଇତ୍ୟାଦି କାମ ରହିଛି। ଆସନ୍ତା ଆର୍ଥିକ ବର୍ଷରେ ବ୍ୟାଖ୍ୟାନ କେନ୍ଦ୍ର ଏବଂ ପାରିପାର୍ଶ୍ୱିକ ଉନ୍ନତୀକରଣ କାମ ଆରମ୍ଭ ହେବ। ବିରଜା ଧର୍ମଶାଳା ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ନେଇ ମଧ କାମ ଆରମ୍ଭ ହୋଇଛି। ବୈଠକରେ ପ୍ରକଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ନେଇ ମନ୍ତ୍ରୀ ଏବଂ ବିଧାୟକଗଣ ଜିଲାପାଳ କର, ଅଧୀକ୍ଷଣ ଯନ୍ତ୍ରୀ କମଲ କୁମାର ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଭାଜପା ପୂର୍ବତନ ଜିଲା ସଭାପତି ଗୌତମ ରାୟ, ପର୍ଯ୍ୟଟନ ଅଧିକାରୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ତଥା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଖଡ଼ଗପୁରଠାରେ ତ୍ରିଦିବସୀୟ ଯଜ୍ଞ ଆରମ୍ଭ

ଚଣ୍ଡିଖୋଲ, ୨୩।୩ (ପ୍ରଦୀପ୍ତ କୁମାର ପୃଷ୍ଟି)

ବଡଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତ ଅଧୀନ ଖଡଗପୁର ଘାଟଠାରେ ପବିତ୍ର ମଧୁ ବାରୁଣୀ ସ୍ନାନ ଉପଲକ୍ଷେ ରବିବାରଠାରୁ ତ୍ରିଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଦେକୁରି ମଠର ମଠାଧୀଶ ବାବା ହରିହର ଦାସଙ୍କ ତତ୍ତ୍ୱାବଧାନରେ ରବିବାର ଅଙ୍କୁରାରୋପଣ ହେଲା ପରେ ସୋମବାର କଳସ ଯାତ୍ରା, ଗୋ ପୂଜା, ସୂର୍ଯ୍ୟ ପୂଜା ଆଦି କରାଯାଇ ଯଜ୍ଞ ଆରମ୍ଭ ହୋଇଛି। ମଙ୍ଗଳବାର ରାତିରେ ପୂର୍ଣ୍ଣାହୁତି ହେବ। ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀର ମିଳନ ସ୍ଥଳ ତ୍ରିବେଣୀ ସଙ୍ଗମଠାରେ ପବିତ୍ର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ପବିତ୍ର ଯୋଗ ବାରୁଣୀ ମଧୁ ସ୍ନାନ ପଡୁଥିବାରୁ ଏହି ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଖଡଗପୁର ଗ୍ରାମବାସୀଙ୍କ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଥିବା ଗ୍ରାମବାସୀ ଜଣାଇଛନ୍ତି।

# ପାଣିକୋଇଲିରେ ମାଇଁ ଛୋଟା ସ୍କୁଲ ଉଦ୍‌ଘାଟିତ


ଅତିଥି ଫିତା କାଟି ସ୍କୁଲକୁ ଉଦ୍‌ଘାଟନ କରୁଛନ୍ତି।

ପାଣିକୋଇଲି, ୨୩।୩ ( ବିକାଶ ଚନ୍ଦ୍ର ମଲ୍ଲିକ )

ଦୀର୍ଘଦିନ ଧରି ପାଣିକୋଇଲି ଅଞ୍ଚଳରେ ପ୍ଲେ ସ୍କୁଲ ନ ଥିବାରୁ ଅଭିଭାବକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରଥମ କରି ସୋମବାର ପାଣିକୋଇଲିଠାରେ ମାଇଁ ଛୋଟା ସ୍କୁଲ ଉଦ୍‌ଘାଟିତ ହୋଇଛି। ପାଣିକୋଇଲି ଆରଡି ଅଫିସ ନିକଟରେ ଏହି ସ୍କୁଲ କାର୍ଯ୍ୟକାରୀ କରାଯାଇଛି। ପ୍ଲେରୁ ୟୁକେଜି ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରେ ଅଧ୍ୟୟନ କରିବେ। ଫଳରେ ପାଣିକୋଇଲି ଅଞ୍ଚଳର ଶିଶୁମାନେ ବାହାରକୁ ନ ଯାଇ ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ଏଠାରେ ଗଢି ପାରିବେ। ସ୍କୁଲର ଅଧ୍ୟକ୍ଷା ଭାରତୀ ଦାସଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଖବରଦାତା ସୁବାସ ଧଳ, ପାଣିକୋଇଲି ଭାରତୀୟ ଷ୍ଟେଟ ବ୍ୟାଙ୍କ ପରିଚାଳକ ମାନସ ରଞ୍ଜନ ବେହେରା, ଯୁବନେତା ଜହର ଅଲ୍ଲୀ, ଶିଳ୍ପପତି ତ୍ରିଲୋଚନ ଦାଶ, ରତ୍ନାକର ସେନାପତି, ଡା. ଦେବାଶିଷ ମହାନ୍ତି, ସମିତିସଭ୍ୟା ସୁଜାତା ଘଡାଇ ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସ୍କୁଲର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ନାମ ଲେଖାଇଥିବା ପିଲାମାନଙ୍କ ଅଭିଭାବକ ଯୋଗଦେଇଥିବାବେଳେ ଶିକ୍ଷୟିତ୍ରୀ ଆୟୁଷା ନାୟକ, ରଶ୍ମୀରେଖା ସାହୁ, ଉର୍ମିଳା ସାହୁ, ଅନ୍ନପୂର୍ଣ୍ଣା ପଣ୍ଡାଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶହୀଦଙ୍କ ସ୍ମୃତିରେ ଗଣ ଦୌଡ଼


ଗଣଦୌଡକୁ ମୁଖ୍ୟଅତିଥି ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଧର୍ମଶାଳା/କାଏମା, ୨୩।୩
(ବଟକୃଷ୍ଣ ପରିଡ଼ା/ ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଫିଜିକାଲ୍ ଏକାଡେମୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସହାୟତାରେ ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସୋମବାର ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ମିନତି ସାହୁ ଅତିଥି ଭାବେ ଯୋଗଦେଇ ପତକା ହଲାଇବା ପରେ ଗଣଦୌଡ ଆରମ୍ଭ ହୋଇଥିଲା। ଫିଜିକାଲ ଏକାଡେମୀର ନିର୍ଦ୍ଦେଶକ ଚନ୍ଦ୍ରମଣି ନାୟକଙ୍କ ତତ୍ତ୍ୱାବଧାନରେ କାଏମା ଲାଲବାହାଦୁର ହାଇସ୍କୁଲରେ ପଡିଆରେ ପ୍ରତିଯୋଗୀମାନେ ଏକତ୍ରିତ ହେବା ପରେ ଗଣଦୌଡରେ ଆସି ଧର୍ମଶାଳା ମହୋତ୍ସବ ପଡିଆରେ ପହଞ୍ଚିଥିଲା। ଏହି ଗଣଦୌଡ଼ରେ ୩୧୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଧର୍ମଶାଳା, ବଡ଼ଚଣା, ସୁକିନ୍ଦା ଆଦି ଅଞ୍ଚଳର ଶତାଧିକ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏକାଡେମୀର ନିର୍ଦ୍ଦେଶକ ନାୟକ କହିଥିଲେ, ଦେଶ ପାଇଁ ଶହୀଦଦ ଭଗତ ସିଂ, ରାଜଗୁରୁ ଓ ସୁକଦେବଙ୍କ ବଳିଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ଏକାଡେମୀ ପକ୍ଷରୁ ଏଭଳି ଗଣଦୌଡର ଆୟୋଜନ କରାଯାଇଛି। ମହୋତ୍ସବ ପଡିଆରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ସାହୁ ଓ ଖବରଦାତା ବିମଳ ପତି ଯୋଗଦେଇଥିଲେ। ଗଣ ଦୌଡ଼ରେ ପୁରୁଷ ବିଭାଗରେ ପିଣ୍ଟୁ ବାଲା, ରାକେଶ ସାହୁ, ଜିତେନ୍ଦ୍ର ଓଝା, ମହିଳା ବିଭାଗରେ ଭାଗ୍ୟଶ୍ରୀ ଜେନା, ରାଇମନୁ ମୁଣ୍ଡା, ଶୀଳା ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି, ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜେଶ ପାଳ, ଅଭିଷେକ ରାଉତ ସମେତ ଧର୍ମଶାଳା ପୋଲିସ ସହାୟତା କରିଥିଲେ।

# ନବମ କ୍ଲଷ୍ଟରସ୍ତରୀୟ ଶିକ୍ଷକ ତାଲିମ ଶିବିର

କାଳିଆପାଣି, ୨୩।୩ ( ଅସିତ ମହାନ୍ତ )

ଯାଜପୁର ଜିଲା ସୀମାନ୍ତ ବିରାଶାଳ କ୍ଲଷ୍ଟରସ୍ତରୀୟ ନବମ ମାସିକ ଶିକ୍ଷୟିତ୍ରୀଶିକ୍ଷକଙ୍କ ତାଲିମ ଶିବିର ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ରହଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ଦେହୁରୀ ଉଦ୍‌ଘାଟନ କରିଥିଲେ। କ୍ଲଷ୍ଟରର ସିଆରସିସି ସୁଶୀଲ କୁମାର ନାୟକ ଏହାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କର ପରୀକ୍ଷା ଖାତା ମୂଲ୍ୟାୟନ, ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ, ଗ୍ରୀଷ୍ମ କାଳୀନ ଶିକ୍ଷଣ କାର୍ଯ୍ୟକ୍ରମ ସମ୍ପର୍କରେ ସିଆରସିସି ଆଲୋଚନା କରିଥିଲେ। କ୍ଲଷ୍ଟରର ରହଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବିରାଶାଳ ପ୍ରାଥମିକ ବିଦ୍ୟାଳୟ, ମଝିପାଳ ପ୍ରାଥମିକ ବିଦ୍ୟାଳୟ, ବନ୍ଦାଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟ, କୋଚିଲାବାଙ୍କ ପ୍ରାଥମିକ ବିଦ୍ୟାଳୟ, ପନାସିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକ ଶିବିରରେ ଯୋଗଦେଇଥିଲେ। ଚଡେଇରଗଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ପରିଚାଳନା କମିଟିର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକ।

# ରାସ୍ତା ମଝିରେ ଘରଭଙ୍ଗା ଇଟା, ପଥର, ଯାତାୟାତରେ ବାଧା

## ଗୋପବନ୍ଧୁ ଛକ ଷ୍ଟେଶନ ବଜାର



ବ୍ୟାସନଗର, ୨୩।୩ (ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହର ମୁଖ୍ୟ ରାସ୍ତା କୁହାଯାଇଥିବା ଗୋପବନ୍ଧୁ ଛକଠାରୁ ଷ୍ଟେଶନ ବଜାର ମଝି ରାସ୍ତାରେ ଘର ନିର୍ମାଣ ଭଙ୍ଗା ଇଟା, ପଥର ସିମେଣ୍ଟ ଖଣ୍ଡ ଗଦା ହୋଇ ରହିଛି। ସହର ମଧ୍ୟରେ ସାଧାରଣ ସ୍ଥାନରେ କୌଣସି ବ୍ୟକ୍ତିଗତ ନିର୍ମାଣ ସାମଗ୍ରୀ ରଖିବାର ନିୟମ ନ ଥିବା ବେଳେ ଗୋପବନ୍ଧୁ ଛକ ନିକଟରେ ନିର୍ମାଣାଧୀନ ଏକ କୋଠାଘର କାର୍ଯ୍ୟରୁ ବାହାରୁଥିବା ଭଙ୍ଗା ବର୍ଜ୍ୟଗୁଡିକୁ ସାଧାରଣ ସ୍ଥାନରେ ଦୀର୍ଘଦିନ ହେବ ପକାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଘର ମାଲିକ ଜାଣିଶୁଣି ଟ୍ରିପ ଟ୍ରିପ ବର୍ଜ୍ୟ ବସ୍ତୁଗୁଡିକୁ ରାସ୍ତା ଉପରେ ବେପରୁଆ ଭାବେ କୁଡାଇ ଥିବା ଦେଖିବାକୁ ମିଳିଛି। ଯାହାଫଳରେ ଉକ୍ତ ବ୍ୟସ୍ତ ବହୁଳ ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେବାସହ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଛି। ସେହି ରାସ୍ତାଟି ଯାଜପୁରରୋଡ଼ ରେଳଷ୍ଟେଶନ, ବସ ଷ୍ଟାଣ୍ଡ, ତହସିଲ କାର୍ଯ୍ୟାଳୟ ଓ ପୌର ପରିଷଦ କାର୍ଯ୍ୟାଳୟ ସହ ପୋଷ୍ଟ ଅଫିସକୁ ସଂଯୋଗ କରୁଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀଙ୍କୁ ପଚାରିବାରେ ଏବିଷୟରେ ଜାଣି ନ ଥିବା ଏବଂ ଯଦି ସେପରି ହୋଇଥାଏ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ଚଣ୍ଡିଖୋଲ, ୨୩।୩( ପ୍ରଦୀପ୍ତ କୁମାର ପୃଷ୍ଟି )

ବଡଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ନିକଟରେ ସୋମବାର ବାଇକ୍ ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ହେଉଛନ୍ତି, ବୈରୀ ଥାନା ଅନ୍ତର୍ଗତ ଛତିଆ କମ୍ପାନୀ ବଜାର ଅଞ୍ଚଳର ଶଙ୍କର ସିଂହ (୫୯)। ସୂଚନା ମୁତାବକ ଶଙ୍କର କୌଣସି କାମରେ ଚଣ୍ଡିଖୋଲକୁ ଆସିଥିଲେ। ସେ ଚଣ୍ଡିଖୋଲ ଛକ ନିକଟ ଡିୟୁ ସ୍କୁଲ ନିକଟରେ ରାସ୍ତା ପାର ହେଉଥିବା ବେଳେ ବିକାଶ ଏକା (୨୬) ନାମକ ଜଣେ ଯୁବକ ମୋଟର ସାଇକେଲ ଦ୍ରୁତଗତିରେ ନେଇ ଶଙ୍କରକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଶଙ୍କର ଗୁରୁତର ଆହତ ହୋଇ ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଖବରପାଇ ବଡ଼ଚଣା ଥାନା ଏଏସ୍‌ଆଇ ସୁବ୍ରତ କୁମାର ପ୍ରଧାନ ଦୁର୍ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶଙ୍କରଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ଚଣା ମେଡିକାଲକୁ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି।

# ୨୬ମାସ ପରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ପାର୍ଶ୍ୱ ସଫେଇ

କାଏମା, ୨୩।୩( ଶିବପ୍ରସାଦ ମହାନ୍ତି)



ଯାଜପୁର ଜିଲା ଧର୍ମଶାଳା ବ୍ଲକ ଶାନ୍ତିବଜାରଠାରୁ କାଏମା ଅଟକି ରହିଥିବା ପ୍ରଶସ୍ତୀକରଣ କାର୍ଯ୍ୟ ଦୀର୍ଘ ୨୬ମାସ ପରେ ଆରମ୍ଭ ହୋଇଛି। ପ୍ରଶସ୍ତୀକରଣ କାର୍ଯ୍ୟ ନିମନ୍ତେ କାଏମା ମିଶନ ଶକ୍ତି ଗୃହ ନିକଟରେ ରାସ୍ତା ଉପରୁ ଗଛଗୁଡ଼ିକ କଟା ଯାଇ ସଫା କରାଯାଉଛି। ଏହି ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଉକ୍ତ ସ୍ଥାନରେ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିଛନ୍ତି। ତେବେ ଏହି ରାସ୍ତାଟିରେ ସବୁ ସମୟରେ ଭିଡ଼ ଦେଖିବାକୁ ମିଳିଥାଏ। ତେଣୁ ଭିଡ଼ ନିୟନ୍ତ୍ରଣ ଓ ଲୋକଙ୍କ ଗମନାଗମନ ସୁବିଧା ନିମନ୍ତେ ଏହାକୁ ଚାରି ଥାକିଆ ରାସ୍ତା କରାଯିବା ପାଇଁ ୨୦୨୩ ଡିସେମ୍ବରରେ ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନରେ ୧୮କୋଟି ୪୨ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଶିଳାନ୍ୟାସ ହୋଇଥିଲା। ରାସ୍ତା ମାପଚୁପ ଓ ସଫେଇ କାର୍ଯ୍ୟ ଆରମ୍ଭ ହୋଇ ଯାଇଥିଲା। କିନ୍ତୁ ରାସ୍ତା ପ୍ରଶସ୍ତୀକରଣକୁ କାଏମା ବଜାରର କେତେଜଣ ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀ ବିରୋଧ କରି ପ୍ରଶାସନିକ ଅଧିକାରୀଙ୍କୁ ଭେଟି ଥିଲେ। ତେବେ ଏ କଥାକୁ ବିଧାୟକ ହିମାଂଶୁ ଶେଖର ସାହୁ ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟରେ ପରିବର୍ତ୍ତନ କରିଛନ୍ତି। ପୂର୍ବରୁ ରାସ୍ତାଟି ଶାନ୍ତି ବଜାରଠାରୁ କାଏମା ବ୍ରିଜ ୧୦୦ ଫୁଟ ଚଉଡ଼ା ସହ ସଂଯୋଗ କରିବା ପାଇଁ ମ୍ୟାପ୍ ପ୍ରସ୍ତୁତ ହୋଇଥିବା ବେଳେ ବର୍ତ୍ତମାନ ଏହା ପରିବର୍ତ୍ତନ ହୋଇ ଶାନ୍ତି ବଜାର ନିକଟରୁ ବାହାରି କାଏମା କେନାଲ ବନ୍ଧ ନିକଟରେ ବାଇ ପାସ୍ ହୋଇ କାଏମା କେଲୁଅ ନଦୀ ବନ୍ଧକୁ ସଂଯୋଗ କରିବା ନେଇ ସୂଚନା ମିଳିଛି। ପୂର୍ବରୁ ମଧ ରାସ୍ତା ପ୍ରଶସ୍ତୀକରଣ ନିମନ୍ତେ ସଫା କରାଯାଇ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ଅଟକି ଯାଇଥିବା ବେଳେ ବର୍ତ୍ତମାନ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତାର ଅବସ୍ଥା ଅତି ଗୁରୁତର ହୋଇ ଯାଇଥିବାବେଳେ ସବୁ ସମୟରେ ଭିଡ଼ ଦେଖିବାକୁ ମିଳିଛି। ଏହାକୁ ତୁରନ୍ତ କରାଯିବାର ଅବଶ୍ୟକତା ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଏହି ରାସ୍ତାକୁ ନେଇ ରାଜନୈତିକ ଚର୍ଚ୍ଚା ମଧ ଜୋର ଧରିଛି। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଅନେକ ବୈଠକରେ ଏହି ରାସ୍ତା କାର୍ଯ୍ୟ ଅଟକି ରହିଥିବା କଥା ସମ୍ପର୍କରେ କହି ବିଧାୟକ ସାହୁଙ୍କୁ ଟାର୍ଗେଟ କରି ଆସୁଛନ୍ତି। ତେଣୁ ଏହି ରାସ୍ତା କାର୍ଯ୍ୟ ତୁରନ୍ତ ଆରମ୍ଭ କରି ଶେଷ କରିବା ନିମନ୍ତେ ବିଧାୟକ ତାଗିଦ୍ କରିଥିବା ବିଶେଷ ସୂତ୍ରରୁ ଖବର ମିଳିଛି।

# ଧାନକ୍ରୟରେ ବିଳମ୍ବ: ସମିତି ଘେରିଲେ ଚାଷୀ

ଏରସମା, ୨୩।୩ (ଦୀପ୍ତି ଖଣ୍ଡୁଆଳ)


ସମିତି ଆଗରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସେବା ସମବାୟ ସମିତି ପକ୍ଷରୁ ଧାନ କ୍ରୟ କରିବାରେ ଆଶାତୀତ ବିଳମ୍ବ ଘଟିବାରୁ ସୋମବାର ୧୮୮ ଚାଷୀ ସମବାୟ ସମିତି ଘେରାଉ କରିଥିଲେ। ବାରମ୍ବାର ସମବାୟ ସମିତିକୁ ଆସୁଥିଲେ ମଧ୍ୟ ଧାନ କ୍ରୟ ହୋଇପାରୁ ନ ଥିବାରୁ ସେମାନେ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି। ଏରସମା ସମବାୟ ସମିତି ଆମ୍ବିକି, ଜିରାଇଲୋ ଓ ଏରସମା ପଞ୍ଚାୟତକୁ ନେଇ ଗଠିତ। ଚଳିତ ଖରିଫ ଋତୁରେ ଏହି ୩ ପଞ୍ଚାୟତର ୩୫୦ ଚାଷୀ ଏରସମା ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଆବେଦନ କରିଥିଲେ। କାର୍ଯ୍ୟାଳୟ ପକ୍ଷରୁ ଯାଞ୍ଚ କରାଯିବା ପରେ ୧୫ ଚାଷୀ ଚାଷ ନ କରି ଆବେଦନ କରିଥିବା ଜଣାପଡ଼ିଥିଲା। ଏହାପରେ ସେମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଅବଶିଷ୍ଟ ୩୩୫ ଚାଷୀଙ୍କର ୯୮୦୪ କୁଇଣ୍ଟାଲ ୮୨ କିଗ୍ରା ଧାନ ସମିତି ପକ୍ଷରୁ କ୍ରୟ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ମାତ୍ର ଦୁଃଖ ଓ ପରିତାପର ବିଷୟ, ମାର୍ଚ୍ଚ ଶେଷ ସୁଦ୍ଧା ମାତ୍ର ୧୬୨ ଜଣ ଚାଷୀଙ୍କ ୫୪୮୬ କୁଇଣ୍ଟାଲ ୩ କିଗ୍ରା ଧାନ କ୍ରୟ କରାଯାଇଛି। ଏହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଅବଶିଷ୍ଟ ୧୮୮ ଜଣ ଚାଷୀ ୪୩୧୮ କୁଇଣ୍ଟାଲ ୫୨ କିଗ୍ରା ଧାନ ବିକ୍ରି ପାଇଁ ଅପେକ୍ଷାରେ ଥିଲେ ସୁଦ୍ଧା ସେମାନଙ୍କ ଧାନ କ୍ରୟ ହେବ କି ନାହିଁ ଆଶଙ୍କା ସୃଷ୍ଟି ହୋଇଛି। ଏହାର ପ୍ରତିବାଦରେ ସୋମବାର ରଘୁନାଥ ହାତୀ, ନରେନ୍ଦ୍ର କୁମାର ସ୍ୱାଇଁ, ରବି ଦାସ, ମହେଶ୍ୱର ଖଣ୍ଡୁଆଳ, ସୁଶୀଲ କୁମାର ସାହୁ, ସୁଧୀର କୁମାର ସ୍ୱାଇଁ ପ୍ରମୁଖ ଚାଷୀ ସମିତି ଘେରାଉ କରିଥିଲେ। ଏ ସମ୍ପର୍କରେ ସମିତି ସମ୍ପାଦକ ସନ୍ତୋଷ କୁମାର ଦାସଙ୍କୁ ପଚାରିବାରେ, ଏରସମା ମଣ୍ଡିରେ ସମ୍ବଲପୁରର ସମଲେଶ୍ୱରୀ ମିଲର ଧାନ କ୍ରୟ କରିଆସୁଥିଲେ। ଏବେ ଆଉ ୪୩୧୮ କୁଇଣ୍ଟାଲ ୫୨ କିଗ୍ରା ଧାନ କ୍ରୟ କରିବାକୁ ଥିବାବେଳେ ମାତ୍ର ୮୦୦ କୁଇଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଆସିଛି। ସେହି ଚାଷୀଙ୍କର ଆଖି ସ୍କାନ କରି ଟୋକନ ପ୍ରଦାନ କରାଯିବ। ତାହା ୭ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ। ନିୟମ ଅନୁସାରେ ୭ ଦିନ ମଧ୍ୟରେ ଯଦି ମିଲର ନ ଆସିଲେ ଆଖି ସ୍କାନ କରିଥିବା ଚାଷୀଙ୍କ ଟୋକନ ନାକଚ ହୋଇଯିବ। ଏ ସମସ୍ୟା ସମ୍ପର୍କରେ ଜିଲାପାଳ, ଉପଜିଲାପାଳ, ଯୋଗାଣ ବିଭାଗର ସିଭିଲ ସପ୍ଲାଏ ଅଫିସର (ସିଏସଓ)ଙ୍କ ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସମିତି ସମ୍ପାଦକ ଦାସ କହିଛନ୍ତି। ତେବେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

# ଯାତ୍ରୀବାହୀ ବସ୍‌ରେ ଅଗ୍ନିକାଣ୍ଡ, ବର୍ତ୍ତିଗଲେ ୪୫ ଯାତ୍ରୀ

ପାରାଦୀପ, ୨୩।୩ (ଶରତ ରାଉତ)




କଟକ-ପାରାଦୀପ ରାଜପଥ ଲକ୍ଥାନା ଅନ୍ତର୍ଗତ ଭୂତମୁଣ୍ଡାଇଠାରେ ସୋମବାର ଏକ ଅଘଟଣ ଘଟିଛି। ପାରାଦୀପରୁ କଟକ ଅଭିମୁଖେ ଯାଉଥିବା ତ୍ରିଦେବୀ ନାମକ ଘରୋଇ ବସ୍‌ରୁ ହଠାତ ଧୂଆଁ ବାହାରିଥିଲା। ନିଆଁ ଜଳିବା ପୂର୍ବରୁ ବସ୍‌ଚାଳକ ଗାଡ଼ି ଅଟକାଇ ଦେଇଥିଲେ। ସେଥିରେ ବସିଥିବା ୪୫ ଜଣ ଯାତ୍ରୀ ସୁରକ୍ଷିତ ଭାବେ ବାହାରକୁ ପଳାଇ ଯାଇଥିଲେ। ପରେ ସ୍ଥାନୀୟ ଲୋକେ ପାଖ କେନାଲରୁ ପାଣି ଆଣି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ କୁଜଙ୍ଗ ଅଗ୍ନିଶମ ବିଭାଗ ଗାଡ଼ି ପହଞ୍ଚିବା ବେଳକୁ ନିଆଁ ଲିଭିସାରିଥିଲା। ଅପରାହ୍ନରେ ସମ୍ପୃକ୍ତ ଗାଡ଼ି ରାସ୍ତାରୁ ହଟାଯାଇ ମରାମତି ପାଇଁ ଗ୍ୟାରେଜରେ ଭର୍ତ୍ତି କରାଯାଇଛି।

# ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି: ୧୧୭ ଅଭିଯୋଗ ପଞ୍ଜୀକୃତ


ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

କୁଜଙ୍ଗ, ୨୩।୩ (ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ କୁଜଙ୍ଗ ସୂଚନା କେନ୍ଦ୍ରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଜେ.ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୧୧୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ୯୭ ଓ ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୨୦ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୮, ଆବାସ ୨୦, ଜମିଜମା ୨୫, ଭତ୍ତା ପାଇଁ ୪, ପୋଲିସ ସହାୟତା ୭ ଏବଂ ଅନ୍ୟାନ୍ୟ ୨୭ ଅଭିଯୋଗର ଶୁଣାଣି କରାଯାଇଥିଲା। ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କର, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ତହସିଲଦାର, ସ୍ୱରୂପ ନନ୍ଦନ ବେହେରା, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଦୁର୍ଘଟଣାରେ ଖବରଦାତାଙ୍କ ମୃତ୍ୟୁ

ପାରାଦୀପ, ୨୩।୩ (ଶରତ ରାଉତ)

ପାରାଦୀପ କଲେଜ ରୋଡ଼ରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଖବରଦାତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ରଶ୍ମିରଞ୍ଜନ ରାଉତରାୟ(ବାପି)। ରବିବାର ରାତିରେ ନୂଆବଜାରରୁ ଘରକୁ ଫେରିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଗୁରୁତର ଅବସ୍ଥାରେ ରଶ୍ମିରଞ୍ଜନଙ୍କୁ ମଧୁବନ ଅଞ୍ଚଳର ୨ ଯୁବକ ଉଦ୍ଧାର କରି ପ୍ରଥମେ ପୋର୍ଟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସିଙ୍ଗଟାଳି ଛକରେ ଥିବା ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ସକାଳୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ରଶ୍ମିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହାପରେ ରଶ୍ମିରଞ୍ଜନଙ୍କ ମୃତଦେହ ସନ୍ଧ୍ୟାରେ ପାରାଦୀପ ବନ୍ଦରାଞ୍ଚଳକୁ ନିଆଯାଇ ପୌର ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବିଜେଡି, କଂଗ୍ରେସ କର୍ମୀଙ୍କ ମିଶ୍ରଣ ଭାଜପାକୁ ସମୃଦ୍ଧ କରୁଛି: ସମ୍ପଦ


ମିଶ୍ରଣ ପର୍ବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନୂତନ କର୍ମୀ ଓ ଭାଜପା ନେତୃମଣ୍ଡଳୀ।

ଜଗତ୍‌ସିଂହପୁର, ୨୩।୩ (ପ୍ରମୋଦ କୁମାର ନାୟକ)

**ପିପ୍ପଳ ମାଧବ ପଞ୍ଚାୟତରେ ଭାଜପାର ମହାମିଶ୍ରଣ ପର୍ବ**

ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପିପ୍ପଳ ମାଧବ ପଞ୍ଚାୟତର ଅଇବିଲ ଓ ବେଲକୂଳଠାରେ ଭାଜପାର ମହାମିଶ୍ରଣ ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କାର୍ଯ୍ୟକର୍ତ୍ତାମାନେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କୁ ବିରାଟ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆକରି ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ସାମିଲ ହେବାକୁ ଉତ୍ସାହିତ ହୋଇଥିବା ନେତା ଓ କର୍ମୀଙ୍କୁ ସ୍ୱାଗତ କରିଥିଲେ। ସେ କହିଥିଲେ ଭାଜପାର ନୀତି, ଆଦର୍ଶ, ପ୍ରଧାନମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ, ଦକ୍ଷ କାର୍ଯ୍ୟଶୈଳୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଓ ବିକାଶମୂଳକ କାର୍ଯ୍ୟ ପିପ୍ପଳ ମାଧବ ପଞ୍ଚାୟତର ଶତାଧିକ ବିଜେଡି, କଂଗ୍ରେସ କର୍ମୀ ଓ ସାଧାରଣ ଲୋକଙ୍କୁ ଆକର୍ଷିତ କରିପାରିଛି। ଭାଜପାରେ ସେମାନଙ୍କ ଯୋଗଦାନ ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ଆହୁରି ମଜଭୁତ କରିବ ବୋଲି କହିବା ସହ ଉତ୍ତରୀୟ ଓ ଟୋପି ପିନ୍ଧାଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ନିଶ୍ଚିତ ଭାବେ ପଞ୍ଚାୟତ ଓ ପାରାଦୀପ ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତିରେ ସହାୟକ ହୋଇପାରିବ। ତେଣୁ ପ୍ରତ୍ୟେକ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ସମାଜର ଶେଷଭାଗରେ ବାସ କରୁଥିବା ଲୋକଙ୍କ ବିକାଶ ନିମନ୍ତେ ପ୍ରଚେଷ୍ଟା ଜାରି ରଖିଲେ ପାରାଦୀପ ଆସନର ବିକାଶଧାରା ଗତିଶୀଳ ହୋଇପାରିବ ବୋଲି କହିଥିଲେ। ଏହି ମିଶ୍ରଣ ପର୍ବରେ ଉପେନ୍ଦ୍ର ମହାନ୍ତି, ନିରଞ୍ଜନ ଲେଙ୍କା, ଜଗଦୀଶ ପ୍ରସାଦ ସ୍ୱାଇଁ, ନିମାଇଁ ଚରଣ ମଲ୍ଲ, ପ୍ରତ୍ୟୁଷ ଦାସ, ପ୍ରଦୀପ ନାୟକ, ଶିବ ପ୍ରସାଦ ସାହୁ ଓ ବିକାଶ ପଟ୍ଟନାୟକଙ୍କ ସମେତ ଶତାଧିକ ଜନ ପ୍ରତିନିଧି, ସମାଜସେବୀ, ଯୁବ ବର୍ଗ, ମହିଳା, ବୁଦ୍ଧିଜୀବୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ।

# ଦୁର୍ବୃତ୍ତ ଯୁବତୀ ବେକରୁ ସୁନା ଚେନ୍ ଝାମ୍ପିନେଲେ

କାଏମା, ୨୩।୩ (ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅଧୀନ ଜାରକା ଫାଣ୍ଡିଠାରୁ ମାତ୍ର ଶହେ ମିଟର ଦୂରରୁ ସୋମବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କ ବେକରୁ କଳାରଙ୍ଗର ପଲସର୍ ବାଇକ୍‌ରେ ୨ ଜଣ ଦୁର୍ବୃତ୍ତ ସୁନା ଚେନ ଝାମ୍ପି ନେଇଛନ୍ତି। କୁଆଖିଆ ଥାନା ଅନ୍ତର୍ଗତ ଓଡ଼ିଶୋ ଅଣ୍ଡେଇଗୋଡା ଗ୍ରାମର ଅଶୋକ କୁମାର ବାରିକଙ୍କ ଝିଅ ଅଭିଲିପ୍ସା ଜାରକା ମାଛ ବଜାର ନିକଟରେ ଥିବା ମାଉସୀ ଘରକୁ ଆସିଥିବାବେଳେ ସନ୍ଧ୍ୟାରେ ମାଉସୀ ସଙ୍ଗୀତା ଦାସଙ୍କ ସହ ବଜାରକୁ ଯାଇଥିଲେ। ତେବେ ତାଙ୍କ ପଛ ପଟୁ ଏକ କଳାରଙ୍ଗର ପଲସରରେ ଦୁର୍ବୃତ୍ତମାନେ ଆସି ବେକରୁ ସୁନା ଚେନ ଓ ଲକେଟ ଝାମ୍ପି ନେଇଛନ୍ତି। ଅଭିଲିପ୍ସା ଓ ତାଙ୍କ ମାଉସୀ ଜାରକା ଫାଣ୍ଡି ଅଧିକାରୀ ବିଜୟ କୁମାର ବେହେରା ଏବଂ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟ ସାହୁଙ୍କୁ ଏ ବିଷୟରେ ଜଣାଇଛନ୍ତି। ଘଟଣାସ୍ଥଳକୁ ପୋଲିସ ଯାଇ ତନାଘନା କରିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ଫାଣ୍ଡି ଅଧିକାରୀ ବେହେରା କହିଛନ୍ତି।

# ନାଲିବର କ୍ରିକେଟ୍ ଲିଗ୍: ମହାକାଳ ଏକାଦଶ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ରଘୁନାଥପୁର, ୨୩।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଏରଡଙ୍ଗା ପଞ୍ଚାୟତ ନାଲିବର ଆଞ୍ଚଳିକ ଯୁବକ ସଂଘ ଆନୁକୂଲ୍ୟରେ ୩ ଦିନ ବ୍ୟାପୀ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଲିଗ୍ ପର୍ଯ୍ୟାୟ ଶେଷ ପରେ ରୟାଲ ଏକାଦଶ ଓ ମହାକାଳ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମେ ଟସ୍ ଜିତି ରୟାଲ ଏକାଦଶ ୮ ଓଭର ବିଶିଷ୍ଟ ମ୍ୟାଚରେ ୧୧୭ ରନ କରିଥିଲା। ଜବାବରେ ମହାକାଳ ଏକାଦଶ ମାତ୍ର ୬ ଓଭର ୨ଟି ବଲରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଛି। ରଜନୀକାନ୍ତ ମଲ୍ଲ ଓ ରିଶି କୁମାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୌମ୍ୟରଞ୍ଜନ ସ୍ୱାଇଁ ଶ୍ରେଷ୍ଠ ବୋଲର, ଅଭିଷେକ ମହାନ୍ତି ବେଷ୍ଟ ଫିଲ୍ଡର ଓ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ସତ୍ୟରଞ୍ଜନ ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ଫାଇନାଲ ଖେଳକୁ ସଂଗ୍ରାମ ଦାସ ଓ କୁମାର ରାଜା ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଭାଜପା ନେତା ପ୍ରକାଶ ଦଳାଇ ଓ ଶିକ୍ଷାବିତ୍ ପ୍ରମୋଦ ଦାସ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏହାଛଡ଼ା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଚନ୍ଦନ କୁମାର, ଭାଷ୍ୟକାର ସତ୍ୟଜିତ ନାୟକ ଓ ସୌଭାଗ୍ୟ ରଞ୍ଜନ ଜେନାଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ଅଲେଖ ଚନ୍ଦ୍ର ବେହେରା ଓ ପଦ୍ମ ଚରଣ ସାହୁ ଉପସ୍ଥିତ ଥିଲେ। ଯୁବକ ସଂଘ ସଭାପତି ତ୍ରିଲୋଚନ ପାତ୍ର, ସମ୍ପାଦକ ସ୍ମୃତିରଞ୍ଜନ ବେହେରା, ସ୍ମୃତିରଞ୍ଜନ ନାୟକ, ସୁଶୀଲ ଖଟୁଆ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଟ୍ରାକ୍ଟର ଦୁର୍ଘଟଣା: ଜଣେ ମୃତ

ଏରସମା, ୨୩।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଖପୁରିଖିଆ ଗ୍ରାମରେ ସୋମବାର ଟ୍ରାକ୍ଟର ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପଲ୍ଲୀକଣ୍ଠା ପଞ୍ଚାୟତସ୍ଥିତ ସାଇଁଟୋଲ ଗ୍ରାମର ଅଦ୍ୱୈତ ବିଶ୍ୱାଳ (୪୬)। ପୂର୍ବାହ୍ନ ୯ଟାବେଳେ ଖପୁରିଖିଆ ଗ୍ରାମରେ ଥିବା ଜମି ଅଦ୍ୱୈତ ଦେଖିବାକୁ ଯାଉଥିଲେ। ଏହି ସମୟରେ କେନ୍ଦୁରିଶାଳ ଗ୍ରାମ ଆଡୁ ଆସୁଥିବା ଏକ ଟ୍ରାକ୍ଟର (ଓଡି-୨୧ଟି-୮୫୦୨) ଅଦ୍ୱୈତଙ୍କୁ ଧକ୍କା ଦେବା ସହ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗୁରୁତର ଅବସ୍ଥାରେ ଅଦ୍ୱୈତଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ନିମନ୍ତେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଅଦ୍ୱୈତଙ୍କ ସ୍ତ୍ରୀ ଆରତୀ ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୧୦/୨୬) ରୁଜୁ କରିଛି। ଏଥିସହ ମୃତଦେହ ଜବତ କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି।

# କଲଭର୍ଟ ରାସ୍ତା ମରାମତି: ଠିକାଦାର କଳା ତାଲିକାଭୁକ୍ତ

ବ୍ୟାସନଗର, ୨୩।୩ (ପବିତ୍ର ରଞ୍ଜନ ମହାନ୍ତି)

ନିମ୍ନମାନର କାର୍ଯ୍ୟ ଯୋଗୁ କଲଭର୍ଟ ସଂଯୋଗ କରୁଥିବା ରାସ୍ତା ସପ୍ତାହକ ମଧ୍ୟରେ ଭାଙ୍ଗିଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ୧୮ ତାରିଖରେ କଲଭର୍ଟକୁ ସଂଯୋଗ କରୁଥିବା ରାସ୍ତା ୨ ପଟେ ଗର୍ତ୍ତ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପୌର ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନ୍ୟଜଣେ ଅଭିଜ୍ଞ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତାର ମରାମତି କରାଯାଇଥିଲା। ଏହାସହ ପୂର୍ବ ଠିକାଦାରଙ୍କ ବିଲ୍ ବନ୍ଦ କରାଯାଇ କଳା ତାଲିକାଭୁକ୍ତ କରାଯିବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି।

ବ୍ୟାସନଗର ପୌର ପରିଷଦ ୨୦ନଂ. ୱାର୍ଡ ଡାକବଙ୍ଗଳାଠାରୁ ଅହମଦନଗର ବ୍ୟସ୍ତ ବହୁଳ ରାସ୍ତାର ଶାନ୍ତି ହୋଟେଲ ନିକଟରେ ଥିବା କଲଭର୍ଟଟି ଭାଙ୍ଗି ଯାଇ ଯାତାୟାତରେ ଅସୁବିଧା ହେଉଥିଲା। ଜଣେ ବାହାର ଠିକାଦାର କାର୍ଯ୍ୟାଦେଶ ପାଇ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କଲଭର୍ଟ କାର୍ଯ୍ୟ ତରବରିଆ ଭାବେ ଅତି ନିମ୍ନମାନର କରି ଚାଲିଯାଇଥିଲେ। ନିମ୍ନମାନର ସିମେଣ୍ଟ ସ୍ଲାବ ପକାଇବା ସହ ନିମ୍ନମାନର ସିମେଣ୍ଟ ଢଳେଇ ଦେଇଥିଲେ। କାର୍ଯ୍ୟ ସାରିବାର ୭ ଦିନ ମଧ୍ୟରେ କଲଭର୍ଟକୁ ସଂଯୋଗ କରୁଥିବା ୨ ପଟ ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗି ଗର୍ତ୍ତ ସୃଷ୍ଟି ହୋଇଥିଲା।

# ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ନିମନ୍ତେ ଲଟେରି ଉଠାଣ

କୁଜଙ୍ଗ, ୨୩।୩ (ମନୋଜ ପ୍ରଧାନ)



ଲଟେରି ଉଠାଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ବଟ ମହାପୁରୁଷପୀଠରେ ମେ ୩ରୁ ୬ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଥିବା ଚତୁର୍ଥ ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ନିମନ୍ତେ ଲଟେରି ଉଠାଣ ଉତ୍ସବ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବାଗୋଇ ପଞ୍ଚାୟତ ସାଂସ୍କୃତିକ ପରିଷଦ ପକ୍ଷରୁ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୂର୍ବତନ ସରପଞ୍ଚ ବିଜୟ ଖଟେଇ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ସାଂସ୍କୃତିକ ପରିଷଦ ସଭାପତି ସୁଶାନ୍ତ ସାହୁ, ମନୋଜ ପ୍ରଧାନ, ଅଭୟ ମହାପାତ୍ର, ବଳରାମ ସ୍ୱାଇଁ, ଉମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ସାଂସ୍କୃତିକ ମହୋତ୍ସବ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାଗ ନେବାକୁ ଥିବା ୪ଟି ନାଟ୍ୟ ଅନୁଷ୍ଠାନ ମଧ୍ୟରେ ଲଟେରି ଉଠାଣ ହୋଇଥିଲା। ପ୍ରଥମ ଦିବସ ଅର୍ଥାତ୍ ମେ' ୩ରେ ଜଗତ୍‌ପୁର ଡ୍ରାମାଟିକ୍ କ୍ଲବ କଟକ ପକ୍ଷରୁ ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ', ଦ୍ୱିତୀୟ ଦିବସରେ ମା' ବୁଢ଼ୀ ଜାଗୁଳାଇ ଡ୍ରାମାଟିକ୍ କ୍ଲବ ଭଅଁରକୋଲା ପକ୍ଷରୁ 'କଟି କଟି ଡବଲ କଟି', ତୃତୀୟ ଦିବସରେ ଶ୍ରୀ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ମଞ୍ଚ ଏରସମା ପକ୍ଷରୁ 'ଦରିଆକୂଳର ଦରଦୀ ବନ୍ଧୁ' ଓ ଅନ୍ତିମ ଦିବସରେ ମା' ପାଦୁକେଇ ଯୁବ ନାଟ୍ୟ ସଂସଦ ବାଣପୁର ଖୋର୍ଦ୍ଧା ପକ୍ଷରୁ ନାଟକ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ମଞ୍ଚସ୍ଥ କରାଯିବ ବୋଲି ଲଟେରି ମାଧ୍ୟମରେ ବୃତ୍ତାନ୍ତ ହୋଇଥିଲା। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ସାରଦା ପ୍ରସନ୍ନ ସ୍ୱାଇଁ, ଶଶିକାନ୍ତ ପ୍ରଧାନ, କୁନା ପ୍ରଧାନ, ବାବାଜି ମଲ୍ଲିକ, ରବୀନ୍ଦ୍ର ରାଉତ, ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଧାରାବାହିକ କଳାକାର ତଥା ନାଟ୍ୟ ନିର୍ଦ୍ଦେଶକ ବିକ୍ରମ ମହାପାତ୍ର ଏଥିରେ ମାର୍ଗ ଦର୍ଶନ କରିଥିବା ବେଳେ ଯାତ୍ରା କଳାକାର ପ୍ରଭାକର ମଲ୍ଲିକ ମଞ୍ଚ ସଂଯୋଜନା କରିଥିଲେ।

# ବିପଜ୍ଜନକ ଅବସ୍ଥାରେ ଜଗତ୍‌ସିଂହପୁର ହସ୍ପିଟାଲ

ଜଗତ୍‌ସିଂହପୁର, ୨୩।୩ (ପ୍ରମୋଦ କୁମାର ନାୟକ)

**ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ପୂର୍ତ୍ତ ମନ୍ତ୍ରୀଙ୍କୁ ଅବଗତ କଲେ ବିଧାୟକ**



ଏସ୍‌ସିବି ମେଡିକାଲ କଲେଜ ଦୁର୍ଘଟଣା ପରେ ସାରା ରାଜ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସୁରକ୍ଷା ସମ୍ପର୍କରେ ସରକାର ରିପୋର୍ଟ ମାଗିଛନ୍ତି। ଏନେଇ ତନାଘନା ଚାଲିଥିବାବେଳେ ଜିଲା ମୁଖ୍ୟାଳୟ ହସ୍ପିଟାଲ (ଡିଏଚ୍‌ଏଚ୍ ହସ୍ପିଟାଲ) ସ୍ଥିତିକୁ ନେଇ ଚିନ୍ତାପ୍ରକଟ କରାଯାଉଛି। ଦୁଃଖର କଥା ହେଲା, ବହୁତଳ ବିଶିଷ୍ଟ ମାତୃ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) ବିଲ୍ଡିଂରେ ଅଗ୍ନି ନିରାପତ୍ତା ପାଇଁ ଅନେକ ଯନ୍ତ୍ରପାତି ଲାଗିଥିଲେ ସୁଦ୍ଧା ସେଗୁଡ଼ିକ କାର୍ଯ୍ୟକ୍ଷମ ହେଉନାହିଁ। ସେହିପରି ବିଦ୍ୟୁତ୍ ତାରଗୁଡ଼ିକ ମଧ୍ୟ ବିପଜ୍ଜନକ ସ୍ଥିତିରେ ରହିଛି। ଏହାଦ୍ୱାରା ରୋଗୀ ଓ ଭିଡିଭୂମି ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି। ଏହି ପ୍ରସଙ୍ଗକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ପ୍ରସଙ୍ଗକୁ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଗମ୍ଭୀରତାର ସହ ନେଇଛନ୍ତି। ସେ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କୁ ପୃଥକ୍ ଭାବେ ପତ୍ରଲେଖି ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ନେଇ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ସେ ଦର୍ଶାଇଛନ୍ତି, ନିକଟରେ ଜିଲା ମୁଖ୍ୟାଳୟ ହସ୍ପିଟାଲ ପରିଦର୍ଶନରେ ଯାଇ ସମୀକ୍ଷା କରିଥିଲେ। ଏହି ସମୟରେ ଏମ୍‌ସିଏଚ୍ ବିଲ୍ଡିଂରେ ବିଭିନ୍ନ ପ୍ରକାର ଅଗ୍ନି ନିରାପତ୍ତା ଯନ୍ତ୍ରପାତି ଥିବା ଦେଖିବା ସହ ସେଗୁଡ଼ିକ କାମ କରୁ ନ ଥିବା ଜାଣିବାକୁ ପାଇଥିଲେ। ଏ ସମ୍ପର୍କରେ ଚିକିତ୍ସାଳୟ ପକ୍ଷରୁ କୁହାଯାଇଥିଲା, ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗକୁ ମରାମତି ଓ ବିଦ୍ୟୁତ୍‌ଜନିତ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର ହେଉନାହିଁ। କେବଳ ଏତିକି ନୁହେଁ, ଅସୁରକ୍ଷିତ ବିଦ୍ୟୁତ୍ ତାରଗୁଡ଼ିକ ଯୋଗୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ଥିବା ଜଣାପଡ଼ିଛି ବୋଲି ବିଧାୟକ ଦାସ ଉଲ୍ଲେଖ କରିଛନ୍ତି।

# ବାଘୁଆ ନୟାଗଡ଼ ଲେଖାକୁ ଲିଭାଇ ଦିଆଗଲା ପରେ ଉଦ୍‌ବେଗ

ନୟାଗଡ଼,୨୩।୩(ଲୋକନାଥ ମିଶ୍ର):ନୟାଗଡ଼ ପୁରୁଣା ସହରର ଗୁଣ୍ଡିଚା ମଣ୍ଡପ ଓ ଅତିରିକ୍ତ ଜିଲାପାଳଙ୍କ ସରକାରୀ ବାସଭବନ କାନ୍ଥରେ ବାଘୁଆ ନୟାଗଡ଼ ଲେଖାଯିବା ସହ ଜିଲାର ସଂସ୍କୃତି ଓ ଐତିହ୍ୟ ଉପରେ ଚିତ୍ର ଝଟକୁ ଥିଲା । କିଛି ବର୍ଷ ଯିବା ପରେ ଲେଖା ଓ ଚିତ୍ର ଆଉ ଝଟକୁ ନ ଥିଲା । ପ୍ରଶାସନ ପକ୍ଷରୁ ଏହାକୁ ନୂଆ ରଙ୍ଗ ଦେଇ ଏଥିରେ ବାଘୁଆ ନୟାଗଡ଼ ଲେଖିଥିଲା । ଆଉ କେତେକ ଚତ୍ର ଅଧା ପନ୍ତରିଆ ହୋଇ ରହିଛି । ଏଭଳିସ୍ଥଳେ ନୂଆକରି ଲେଖା ହୋଇଥିବା ବାଘୁଆ ନୟାଗଡ଼ ଲେଖାକୁ ଲିଭା ଯିବା ପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି । ଲୋକଙ୍କ ପ୍ରଶ୍ନ ଆମ ପାଇଁ ବଡ ଆମ ନୟାଗଡ଼ ପରି ଅନେକ ଲେଖା ଥିବାବେଳେ ବାଘୁଆ ନୟାଗଡ଼କୁ କାହିଁକି ଲିଭାଗଲା । ତେବେ ପ୍ରଶାସନ ପକ୍ଷରୁ ଏ ନେଇ କିଛି ଉତ୍ତର ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିଛି । ତେବେ ବାଘୁଆ ନୟାଗଡ଼ ସ୍ଥାନରେ ଅନ୍ୟ କିଛି ଲେଖା ହୋଇ ନାହିଁ ।

# ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ପରୀକ୍ଷାମୂଳକ ଚାଲୁହେଲା ଲିଫ୍ଟ

## ନୀଳମାଧବ ପୀଠ

ଖଣ୍ଡପଡ଼ା,୨୩।୩(ଅଜୟ କୁମାର ମହାରଣା)

କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବ ଜୀଉଙ୍କ ମନ୍ଦିରରେ ପର୍ଯ୍ୟଟକମାନଙ୍କ ସୁବିଧା ଲାଗି ଗତ ୩ ବର୍ଷ ହେଲା ଏକ ଲିଫ୍ଟ ପ୍ରକଳ୍ପ ବ୍ୟବସ୍ଥା ହେଉଥିବା ନେଇ ଜନସାଧାରଣ ତଥା ପର୍ଯ୍ୟଟକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା । ମାତ୍ର ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ କାର୍ଯ୍ୟଟି ଧୀର ମନ୍ଥର ଗତିରେ ଚାଲି ସମ୍ପ୍ରତି ୨ ରୁ ୩ ଦିନ ହେବ ଲିଫ୍ଟର ଟ୍ରାଏଲ ରନିଂ ଆରମ୍ଭ ହୋଇଛି । ପରୀକ୍ଷାମୂଳକ ଭାବେ ଚାଲୁ ହୋଇଥିବାରୁ ପାହାଡ଼ ଉପରକୁ ଯାଇ ଜୀଉଙ୍କୁ ଦର୍ଶନ କରିବା ପାଇଁ ଶହ ଶହ ପର୍ଯ୍ୟଟକ ଗହଳ ଲଗାଇଥିବା ପରିଲକ୍ଷିତ ହୋଇଛି । ସୂଚନାଯୋଗ୍ୟ, କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନର ମର୍ଯ୍ୟାଦା ଲାଭ କରିଛି । ଏଠାର କଂସା ପିତଳ ବାସନ ଶିଳ୍ପ ରାଜ୍ୟ ତଥା ରାଜ୍ୟ ବାହାରେ ପ୍ରସିଦ୍ଧି ଲାଭ କରିଛି । ପଦ୍ମାଦ୍ରୀ ଓ ବ୍ରହ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ନୀଳମାଧବ ଜୀଉ ମନ୍ଦିର ଉପରୁ ମହାନଦୀର ପ୍ରାକୃତିକ ଶୋଭାରାଜି ଉପଭୋଗ କରିବା ସହ ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ଦୈନିକ ଶତାଧିକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ତେବେ ରବିବାର ଅପରାହ୍ନରେ ପରୀକ୍ଷାମୂଳକ ଭାବେ ଉକ୍ତ ଲିଫ୍ଟ ଚାଲୁ ହେବା ପରେ ରାଜ୍ୟ ତଥା ବାହାରୁ ଆସିଥିବା ଶତାଧିକ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା, ସେବାୟତ ଖୁସିବ୍ୟକ୍ତ କରି ଏହି ଲିଫ୍ଟରେ ପାହାଡ଼ ଉପରକୁ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିଥିବା ପରିଲକ୍ଷିତ ହୋଇଥିଲା । ସୋମବାରଠାରୁ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ଏହି ଲିଫ୍ଟ ପ୍ରତ୍ୟହ ୨ରୁ ୩ଘଣ୍ଟା ପରୀକ୍ଷାମୂଳକ ଭାବେ ଚାଲୁ ରହିବ ବୋଲି ବଂଶଲ କମ୍ପାନୀ ପକ୍ଷରୁ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ପ୍ରଜ୍ଞାଂଶୁ ରଞ୍ଜନ ପଲାଇ ସୂଚନା ଦେବା ସହ ଖୁବ୍ ଶୀଘ୍ର ଏହି ପ୍ରକଳ୍ପ ଓବିସିସିକୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଥିଲେ । ଏହାଛଡ଼ା ଏହି ପ୍ରକଳ୍ପ ଦାୟିତ୍ୱ ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିବ । ତେବେ ଏହାର ପରିଚାଳନା କେଉଁ ବିଧି ବ୍ୟବସ୍ଥା କ୍ରମେ କରାଯିବ ତାହା ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସ୍ତୁତ କରିବେ ବୋଲି ପଲାଇ ସୂଚନା ଦେଇଛନ୍ତି ।



ଲିଫ୍ଟରେ ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ଲୋକେ ଯାଉଛନ୍ତି ।

# ଶହୀଦ ଦିବସ ଅବସରରେ ପଦଯାତ୍ରା


ଶହୀଦ ଦିବସରେ ବାହାରିଥିବା ପଦଯାତ୍ରା ।

ନୟାଗଡ,୨୩।୩(ଲୋକନାଥ ମିଶ୍ର)

ମାଇଁ ଭାରତ ନୟାଗଡ଼ ଓ ସେବା ଉତ୍ସବ ସମିତି ପକ୍ଷରୁ ନୟାଗଡ଼ ସହରରେ ଶହୀଦ ଦିବସ ପାଳିତ ହୋଇଯାଇଛି । ଶହୀଦ ଭଗବତ ସିଂହ, ଶିବରାମ ରାୟଗୁରୁ ଓ ସୁଖଦେବ ଥାପୁରଙ୍କ ବଳିଦାନ ଦିବସକୁ ସାରା ଭାରତରେ ଶହୀଦ ଦିବସ ଭାବେ ପାଳନ କରାଯାଉଛି । ଏହି ଅବସରରେ ସୋମବାର ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ତ୍ରିନାଥ ଛକ ସ୍ଥିତ ଗାନ୍ଧୀମୂର୍ତ୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଶହୀଦଙ୍କ ଉଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ହାତରେ କ୍ୟାଣ୍ଡେଲ ଓ ଜାତୀୟ ପତାକା ଧରି ଭାରତ ମାତାକି ଜୟ ନାରାରେ ସହର ପ୍ରକମ୍ପିତ ହୋଇଥିଲା । ସେବା ସମିତି ଅଧକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଓ ମ୍ୟୁନିସିପାଲିଟି ପୌରାଧକ୍ଷା ନିରୁପମା ଖଟେଇ ପ୍ରମୁଖ ଯୋଗଦେଇ ପଦଯାତ୍ରାରେ ସାମିଲ ହୋଇଥିଲେ । ଅତିଥିମାନେ ଶହୀଦ ଦିବସର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ସେବା ସମିତି ସଦସ୍ୟ ପ୍ରଶାନ୍ତ କୁମାର ସାହୁ ବର୍ଷା ପ୍ରିୟଦର୍ଶିନୀ, ଶୁଭସ୍ମିତା ମିଶ୍ର, ପରମେଶ୍ୱର ସାହୁ, ଉମାକାନ୍ତ ମହାପାତ୍ର, ଆଦିତ୍ୟ ପାଳ, ଦେବାଶିଷ ରାଉତ, ସୌମ୍ୟା ସ୍ୱୟଂପ୍ରଭା, ସୌମ୍ୟରଞ୍ଜନ ମହାନ୍ତି ଓ ଦେବଦୂତ ସେବା ପରିଷଦ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

# ମଧୁବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

ଖଣ୍ଡପଡ଼ା,୨୩।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ମଧୁବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସମାଜ ସଭାପତି ଆନନ୍ଦ ଚନ୍ଦ୍ର ସାହୁ ମଧୁବୈଶ୍ୟ ସମାଜ ପତାକା ଉତ୍ତୋଳନକରିବା ଅବସରରେ ସମାଜର କୌଳିକ ସଙ୍ଗୀତ ଗାନ କରାଯାଇଥିଲା । ସେହିପରି ସମାଜର ଇଷ୍ଟଦେବ ଗଜାନନଙ୍କ ନିକଟରେ ହୋମଯଜ୍ଞ, ପୂଜାର୍ଚ୍ଚନା ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇଥିଲା । ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ଅଧିବେଶନରେ ଖଣ୍ଡପଡ଼ା ରାଜ୍ୟ ସହ ନୟାଗଡ଼, ଦଶପଲ୍ଲା ଓ ରଣପୁର ଅଞ୍ଚଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଅନୁଷ୍ଠାନ ସମ୍ପାଦକ ଶ୍ରୀକାନ୍ତ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡ଼ା ବ୍ଲକ୍ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମଧୁବୈଶ୍ୟ ସମାଜ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ଲାଗି ନୀତିନିର୍ଦ୍ଧାରଣ କରାଯାଇଥିଲା । ସମାଜର ବରିଷ୍ଠ ସଦସ୍ୟମାନେ ବିଭିନ୍ନ ଅଭାବ ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷକରି ଆଲୋଚନା ସମୟରେ ବାଲ୍ୟବିବାହକୁ ବିରୋଧ କରାଯିବା ସହ ସମାଜରୁ ଯୌତୁକ ପ୍ରଥା ଉଚ୍ଛେଦ କରିବା ପରିପ୍ରେକ୍ଷୀରେ କୌଣସି ଜାତି ଭାଇ ଏହି ଯୌତୁକ ଭଳି କୁପ୍ରଥାକୁ ପ୍ରଶ୍ରୟ ନ ଦେବା ଏବଂ ଏଭଳି ଘଟଣାରୁ ସମ୍ପୂର୍ଣ୍ଣ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯାଇଥିଲା । ମଞ୍ଚାସୀନ ଥିବା ୫ ରାଜ୍ୟର ସଭାପତି ଅରକ୍ଷିତ ସାହୁ, ନୟାଗଡ଼ରୁ ପ୍ରଣବ କୁମାର ବିଶୋଇ, ଦଶପଲ୍ଲାରୁ ପ୍ରହଲ୍ଲାଦ ସାହୁ, ଖଣ୍ଡପଡ଼ା ଉପସଭାପତି ବୃନ୍ଦାବନ ସାହୁ, ମନ୍ଦିର ସମ୍ପାଦକ ଲକ୍ଷ୍ମୀଧର ସାହୁ, ବଂଶୀଧର ପୃଷ୍ଟି, ପୂର୍ବତନ ସମ୍ପାଦକ ତଥା ଉପଦେଷ୍ଟା ଅର୍ଜୁନ ସାହୁ ପ୍ରମୁଖ ସମାଜର ବିଭିନ୍ନ ଗଠନମୂଳକ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ । ଏ ଅବସରରେ ମଧୁବୈଶ୍ୟ ସମାଜର ମେଧାବୀ ଛାତ୍ରୀଛାତ୍ର, ଭିନ୍ନକ୍ଷମ ତଥା ଅସହାୟ ମହିଳାମାନଙ୍କୁ ମେଧାବୃତ୍ତି ଓ ସ୍ୱତନ୍ତ୍ର ସହାୟତା ବାବଦରେ ଅର୍ଥରାଶି ପ୍ରଦାନ କରାଯାଇଥିଲା । ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ମା' ବରୁଣେଇ ଚାମ୍ପିୟନ

ବରୁଣେଇ ସମରସ୍ମାଶ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ


ଅତିଥିଙ୍କ ସହ ଖେଳାଳି ।

ଖଣ୍ଡପଡା,୨୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋ ପଞ୍ଚାୟତ ବରୁଣେଇ ସମରସ୍ମାଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସୋମବାର ଅୟୋଜିତ ପ୍ରଥମ ବାର୍ଷିକ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସ ତଥା ଫାଇନାଲ ମ୍ୟାଚରେ ମା' ବରୁଣେଇ କ୍ରିକେଟ କ୍ଲବ କଣ୍ଟିଲୋ, ବୋଦସା କ୍ରିକେଟ ଟିମ୍‌କୁ ୮୩ ରନରେ ହରାଇ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛି । ୮ ଦଳକୁ ନେଇ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମା' ବରୁଣେଇ ଦଳ ଟସ୍ ଜିତି ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ବିନିମୟରେ ୧୩୩ ରନ ସଂଗ୍ରହ କରିଥିଲା । ଜବାବରେ ବୋଦସା ଟିମ୍ ୧୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୫୧ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ବିଜୟୀ ବରୁଣେଇ ଦଳର ଶୁଭମ ବାରିକ ୧୫ ବଲରେ ୨୮ ରନ ସଂଗ୍ରହ କରିବା ସହ ୨ ଓଭରରେ ୨ଟି ଉଇକେଟର ପତନ ଘଟାଇ ମ୍ୟାନ ଅଫଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି କୁନା ମଲ୍ଲିକ ମ୍ୟାନ ଅଫଦି ସିରିଜ ବିବେଚିତ ହୋଇଛନ୍ତି । ଖେଳକୁ ଅନିଲ କୁମାର ନାୟକ ଓ ଅନିରୁଦ୍ଧ ବେହେରା ପରିଚାଳନା କରିଥିଲେ । ଶୁଭ୍ରାଂଶୁ ମହାରଣା ଧାରା ବିବରଣୀ ଦେଇଥିବା ବେଳେ ସ୍କୋର ବୋର୍ଡ ଦାୟିତ୍ୱରେ ସନ୍ତୋଷ କୁମାର ବେହେରା କାର୍ଯ୍ୟ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଏମ୍‌ପି ପ୍ରତିନିଧି ଗୟାଧର ପରିଡା,ସମ୍ମାନୀତ ଅତିଥି କେନ୍ଦୁପଲ୍ଲୀ ସମିତି ସଭ୍ୟ ଦୀପକ କୁମାର ଜେନା, ଭାଜପା କଣ୍ଟିଲୋ ମଣ୍ଡଳ ସଭାପତି ଟିଟନ ସାହୁ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଯୁଗଳ କିଶୋର ନାୟକ, କଣ୍ଟିଲୋ ସମିତି ସଭ୍ୟା ପ୍ରତିନିଧି ସରୋଜ କୁମାର ସାହୁ, ସାମାଜିକକର୍ମୀ ପ୍ରଭାତ କୁମାର ବେହେରା ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ପରେ ଆୟୋଜିତ କାର୍ଯ୍ୟକ୍ରମରେ ଚାମ୍ପିୟନ ଓ ରନରଅପ ଦଳଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ସମେତ ଅର୍ଥରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜକ ଦିବେଶ କୁମାର ବେହେରା ପରିଚାଳନା କରିଥିଲେ ।

# ମା' କଣ୍ଟେଇଶୁଣୀଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡା,୨୩।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ କଣ୍ଟିଲୋ ପଞ୍ଚାୟତସ୍ଥିତ ଖୁଦବେହେରା ପାଟଣା ଗ୍ରାମର ଇଷ୍ଟ ଠାକୁରାଣୀ ମା' କଣ୍ଟେଇଶୁଣୀଙ୍କ ୨୭ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ମହାରଣା ସପତ୍ନୀଙ୍କ ସହ କାର୍ଯ୍ୟ ପରିଚାଳନା କରିଥିଲେ । ପୁରୋହିତ ଭାବେ ନୀଳକଣ୍ଠ ଦାଶ, ପ୍ରମୋଦ ମିଶ୍ର ଓ ରଜତ କୁମାର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ । ସନ୍ଧ୍ୟା ୫.୩୦ରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ରାଜେଶ କୁମାର ସାହୁ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଜେନା, କୋଷାଧକ୍ଷ ସଂସାରୀ ମହାପାତ୍ର, ବସନ୍ତ କୁମାର ଜେନା, ଶ୍ରୀକାନ୍ତ ସାହୁ ଓ ଦିଲ୍ଲୀପ ମହାରଣା ପ୍ରମୁଖ ସାହି ଭାଇମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶତାଧିକ ଗ୍ରାମବାସୀ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ଅବସରରେ ମହିଳା ମାତୃମଣ୍ଡଳୀ ପକ୍ଷରୁ ଭଜନ, ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।


ବାର୍ଷିକ ଉତ୍ସବରେ ଅନୁଷ୍ଠିତ ହୋମଯଜ୍ଞ ।

# ସାଇବର ଅପରାଧ ସଚେତନତା

ଖଣ୍ଡପଡା,୨୩।୩(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ପ୍ରଶାସନ ପକ୍ଷରୁ ବେଟି ବଚାଓ ବେଟି ପଢାଓ ଯୋଜନାରେ ସାଇବର ଅପରାଧ ସମ୍ପର୍କୀତ ଏକ ସଚେତନତା କାର୍ଯ୍ୟକ୍ରମ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବିଡିଓ ଅଙ୍କୁର ଅଭିଲାଷ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ପୂଜାରୀ, ଏସ୍ଆଇ ମନସ୍ୱିତା ସାହୁ, ଖଣ୍ଡପଡା ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନିତ କୁମାର ବଡସେଠ୍, ପର୍ଯ୍ୟବେକ୍ଷକ କ୍ରିଷ୍ଣା କୁମାରୀ ମିଶ୍ର ପ୍ରମୁଖ ଯୋଗଦେଇ ସାଇବର ଅପରାଧରୁ କିଭଳି ଦୂରେଇ ରହିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଆଜିର ଡ଼ିଜିଟାଲ ଯୁଗରେ ଶହ ଶହ ବ୍ୟକ୍ତି ବିଭିନ୍ନ ସମୟରେ ସାଇବର ଠକେଇର ଶୀକାର ହେଉଥିବାରୁ ପ୍ରଶାସନିକ ଅଧିକାରୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସଚେତନତା ହିଁ ସାଇବର ଅପରାଧକୁ ରୋକି ପାରିବ ବୋଲି ଅଧିକାରୀ ମାନେ ଲୋକପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଯୁବତୀମାନଙ୍କୁ ସଚେତନ କରାଇଥିଲା ।




# ବିଶ୍ୱ ଜଳ ଦିବସ ପାଳିତ

ଦଶପଲ୍ଲା, ୨୩।୩(ପ୍ରକାଶ କୁମାର ପାଣି)

ଦଶପଲ୍ଲା ଶିକ୍ଷକ ଭବନଠାରେ ବିଶ୍ୱ ଜଳ ଦିବସ ରବିବାର ପଲ୍ଲୀବିକାଶ ସମିତିତରଫରୁ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରାଣକୃଷ୍ଣ ବେହେରାଙ୍କ ସଭାପିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରି ଏହି ଦିବସର ତାତ୍ପର୍ଯ୍ୟ ସହ ଜଳ ସଂରକ୍ଷଣ,ଉପରେ ଉଦ୍‌ବୋଧନ ଦେଇଥିଲେ । ପଲ୍ଲୀ ବିକାଶ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା ବିଶ୍ୱଜଳ ଦିବସ ଉପରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଡଭୋକେଟ ଦିଲ୍ଲୀପ କୁମାର ପଣ୍ଡା, ରବୀନ୍ଦ୍ର ନାଥ ମିଶ୍ର, ଶିକ୍ଷାବିତ ଅଲେଖ ସ୍ୱାଇଁ, ସଙ୍ଗୀତଜ୍ଞ ଶରତ କୁମାର ସାହୁ, ଅନ୍ତର୍ଯ୍ୟାମୀ ଭୁୟାଁ, ସରପଞ୍ଚ ସଞ୍ଜୟ ପଟ୍ଟନାୟକ ଓ ନାରାୟଣ ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ ।

# ଶ୍ରେଣୀଗୃହକୁ ନୁହେଁ, ଶୌଚାଳୟକୁ ଗୁରୁତ୍ୱ

## ସେନ୍ତେରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

- ୯ ଶ୍ରେଣୀର ୧୪୨ ଛାତ୍ରୀଛାତ୍ରଙ୍କୁ ୫ ଶିକ୍ଷକ
- ୫ ଶ୍ରେଣୀଗୃହକୁ ୬ ଶୌଚାଳୟ

ନୂଆଗାଁ, ୨୩।୩ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସିଙ୍ଗାରପଲି ପଞ୍ଚାୟତ ସେନ୍ତେରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି । ସେଥିପ୍ରତି ଗୁରୁତ୍ୱ ନ ଦେଇ ୫ ଶୌଚାଳୟ ଥିଲେ ମଧ ପୁନର୍ବାର ତାହାକୁ ଗୁରୁତ୍ୱ ଦେଇ ଶୌଚାଳୟ ନିର୍ମାଣ କରାଯାଇଥିବା ଅଭିଯୋଗ ହେଉଛି । ସିଙ୍ଗାରପଲି ପଞ୍ଚାୟତ ସେନ୍ତେରୀ ଓ ଆଖପାଖ ଗ୍ରାମର ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ଦୃଷ୍ଟିରେ ରଖି ୧୯୫୩ରେ ସେନ୍ତେରୀଠାରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲି ଉଚ୍ଚ ପ୍ରାଥମିକବିଦ୍ୟାଳୟର ମାନ୍ୟତା ପାଇଥିଲା । ଗତ ବର୍ଷ ସେଥିରେ ଶିଶୁବାଟିକାକୁ ଯୋଗ କରାଯାଇଛି । ବର୍ତ୍ତମାନ ଶିଶୁବାଟିକାଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୬୦ ଜଣ ବାଳିକା ଓ ୮୨ ଜଣ ବାଳକ ମୋଟ ୧୪୨ ଜଣ ଅଛନ୍ତି । ସେମାନଙ୍କୁ ପଢ଼ାଇବା ପାଇଁ ମାତ୍ର ଜଣେ ଶିକ୍ଷୟିତ୍ରୀ ଓ ୪ ଜଣ ଶିକ୍ଷକ ନିୟୋଜିତ ହୋଇଛନ୍ତି । ୯ ଗୋଟି ଶ୍ରେଣୀ ପାଇଁ ଆବଶ୍ୟକ ଶ୍ରେଣୀଗୃହ, ପାଚେରି ନାହିଁ । ଗେଟ୍ ଭାଙ୍ଗିଯାଇଥିଲେ ମଧ୍ୟ ତାହାକୁ ମରାମତି କରାଯାଉନାହିଁ । ବ୍ୟବହାର ହେଉଥିବା ଖୋଲା କୂଅର ମରାମତି ହେବାର ଆବଶ୍ୟକତା ରହିଛି । ଦୀର୍ଘ ବର୍ଷ ହେଲା ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ଭାରପ୍ରାପ୍ତ ଶିକ୍ଷକ କାର୍ଯ୍ୟ ତୁଲାଉଛନ୍ତି । ସ୍କୁଲରେ ଶ୍ରେଣୀଗୃହ ନିର୍ମାଣ, ପାଚେରି, ଗେଟ୍ ମରାମତି ଭଳି ଅନେକ କାର୍ଯ୍ୟ ରହିଥିଲେ ମଧ ସେଥିପ୍ରତି ଗୁରୁତ୍ୱ ନ ଦେଇ ପ୍ରଶାସନ ଶୌଚାଳୟକୁ ଗୁରୁତ୍ୱ ଦେଇ ନିର୍ମାଣ କରିବାରେ ଲାଗି ପଡ଼ିଛନ୍ତି । ବିଭିନ୍ନ ଯୋଜନାରେ ପୂର୍ବରୁ ୪ ଗୋଟି ଶୌଚାଳୟ ନିର୍ମାଣ କରାଯାଇଥିଲା । ପୁନଶ୍ଚ ବର୍ଷେ ପୂର୍ବେ ଜନସ୍ୱାସ୍ଥ୍ୟ ବିଭାଜନ ବିଭାଗ ପକ୍ଷରୁ ଅଲଗା ଅଲଗା ଶୌଚାଳୟ ନିର୍ମାଣ କରାଯାଇଥିଲା । ଫଳରେ ସେଠାରେ ଶୌଚାଳୟର ଆବଶ୍ୟକତା ନ ଥିଲା । କିନ୍ତୁ ସେଠାରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମାଣ କରାଯାଇଛି । ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ କହିବାନୁସାରେ ସରକାରୀ ଅନୁଦାନରେ ଶୌଚାଳୟ ପରିବର୍ତ୍ତେ ସ୍କୁଲରେ ଥିବା ଶ୍ରେଣୀଗୃହ ନିର୍ମାଣ କରାଯାଇଥିଲେ ଛାତ୍ରୀଛାତ୍ରମାନେ ଉପକୃତ ହୋଇଥାଆନ୍ତେ । ଏପରି ଘଟଣା ବାବଦରେ ନୂଆଗାଁ ବିଡିଓ ଅମୃତ କୁମାର ରାଉଳଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ସେ ଅନୁଧ୍ୟାନ କରିବେ ଏବଂ ସ୍କୁଲର ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।




# ୬୮ ଅଭିଯୋଗର ଶୁଣାଣି କଲେ ଜିଲାପାଳ

## ୧୯ ଅଭିଯୋଗର ତୁରନ୍ତ ସମାଧାନ

ଗଣିଆ, ୨୩।୩(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି । ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ୬୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଜିଲାପାଳ ମଧୁମିତା ରଥ ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାମୁଦାୟ ୬୮ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୫୫ ବ୍ୟକ୍ତିଗତ ଓ ସାମୁହିକ ୧୧, ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ୨ ଅଭିଯୋଗ ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯେଜନା, ଖାଦ୍ୟ ସୁରକ୍ଷା ଯୋଜନା, ବାର୍ଦ୍ଧକ୍ୟ ଭତା, ପାନୀୟ ଜଳ, ଅଗ୍ନିଶମ ବିଭାଗ, ଶିକ୍ଷା ସମ୍ପର୍କିତ, ସୁଭଦ୍ରା ଯୋଜନା, କୃଷି ବିଭାଗ, ବିଦ୍ୟୁତ ବିଭାଗ, ଲେବର କାର୍ଡ,ଏମ୍‌ଜିଏନ୍‌ଆରଇଜିଏସ୍ ଓ ବାଇପାସ ରାସ୍ତା ନିର୍ମାଣ ସମ୍ପର୍କିତ ଅଭିଯୋଗ କରାଯାଇଥିଲା । ବିଶେଷକରି ବାଇପାସ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବା ନେଇ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଲକ୍ଷ୍ମୀବସ ଡ଼ଙ୍କାରିସାହି ଦେଇ ଭାୟା କୁମ୍ଭୀରଖଣି, ରାଜିଙ୍ଗି, ଧୋବାବୋରେଇ, ଓ ବେଣ୍ଟପ ଦେଇ ଛାମୁଣ୍ଡିଆ ଯିବାପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜିଲାପାଳ ଏ ନେଇ ଜିଲା ପରିବହନ ଅଧିକାରୀଙ୍କୁ ଡାକି ତୁରନ୍ତ ସମାଧାନ କରିବାକୁ କହିଥିଲେ । କେନ୍ଦୁପଲ୍ଲୀ ଗ୍ରାମର ସବିତା ସାହୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଛନ୍ତି । କିନ୍ତୁ ତାଙ୍କ ଘର ଉପରେ ୧୧ କେଭି ତାର ଯାଇଥିବାରୁ ସେ ଛାତ ପକାଇପାରୁ ନାହାନ୍ତି । ଏ ସମ୍ପର୍କରେ ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଛାମୁଣ୍ଡିଆ ପଞ୍ଚାୟତର ମନୁ ଧଳ ବାର୍ଦ୍ଧକ୍ୟ ଭତ୍ତା ପାଇନଥିବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହଭଳି ବରିଷ୍ଠ ନାଗରିକମାନଙ୍କୁ ନୂତନ ପରିଚୟ ପତ୍ର ବଣ୍ଟନ ବରିଷ୍ଠ ନାଗରିକ ବାଙ୍କ ବିହାରୀ ରାଉତ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ରାଜିଙ୍ଗି ଗ୍ରାମବାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ନେଇଥିବାରୁ ତାଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଦୀର୍ଘଦିନ ଧରି ଗଣିଆ ବାଇପାସ୍ ରାସ୍ତା ଅତି ବିପର୍ଯ୍ୟସ୍ତ ଭାବେ ପଡିଛି ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ମଧ କାର୍ଯ୍ୟକାରୀ ହେଉନଥିବାରୁ ଛାମୁଣ୍ଡିଆ ବିକାଶ ପରିଷଦ ସଭାପତି ଜୟଦେବ ସାହୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ନେଇ ଜିଲାପାଳ ନିଜେ ଯାଇ ଉକ୍ତ ରାସ୍ତାର ସ୍ଥିତି ପରଖି ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣିରେ ଅତିରିକ୍ତ ଜିଲାପାଳ କର୍ଣ୍ଣଦେବ ସମ୍ମାଦାର, ପିଡି ଲଗ୍ନଜିତ ରାଉତ, ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୁଷ୍ପା ନୀଳିମା ଲାକ୍ରା, ବ୍ଲକ ଅଧକ୍ଷା ଝୁନା ଜେନା, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡିଓ ଲାବଣେନ୍ଦୁ ମହାନ୍ତି, ଏବିଡିଓ ରତନଲାଲ ଲୋହରା, ଉପାଧକ୍ଷ ରାଜକିଶୋର ସାହୁ, ସହକାରୀ ଯନ୍ତ୍ରୀ ମହେଶ ପ୍ରସାଦ ନାୟକ, ଗ୍ରାମ ପଞ୍ଚାୟତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆୟୋଜିତ ଶିବିରରେ ବ୍ଲକର ସମସ୍ତ ଜନପ୍ରତିନିଧି, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।


ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

# ଦ୍ୱିତୀୟ ଗଳିପୋଲ ନିର୍ମାଣ ଆରମ୍ଭରେ ବିଳମ୍ବ

ଯାଜପୁର,୨୩।୩(ହର୍ଷବର୍ଦ୍ଧନ ବେହେରା)

**■ ବର୍ଷା ଦିନ ପରେ ନିର୍ମାଣ ସମ୍ଭାବନା: ଯନ୍ତ୍ରୀ**

**■ ମନ୍ଥର ଗତିରେ ଓଭରବ୍ରିଜ୍ ନିର୍ମାଣ**

ଯାଜପୁର ରୋଡ୍ ରେଳଷ୍ଟେଶନର ଗୁଡ୍ସ ଶେଡ୍ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୬।୨।୨୦୨୪ରେ ଭର୍ଚ୍ଚୁଆଲ ମୋଡ୍‌ରେ ସାଇ ମନ୍ଦିର ନିକଟରେ ଏକ ରେଳ ଓଭରବ୍ରିଜ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ରେଲୱେ ପକ୍ଷରୁ ୪୪ କୋଟି ୩୯ ଲକ୍ଷ ୨୧ ହଜାର ୬୫୯ ଟଙ୍କା ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ୫୭ କୋଟି ୧୦ ଲକ୍ଷ ୬୭ ହଜାର ୨୫୦ ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ ଆପୋଲୋ ଏଣ୍ଟରପ୍ରାଇଜେସ୍ ଠିକାସଂସ୍ଥାକୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ରେଲୱେର ବ୍ରିଜ୍ କାର୍ଯ୍ୟ ୧୮ ମାସ ମଧ୍ୟରେ ସାରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ଏହାକୁ ୨ ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଓଭରବ୍ରିଜ୍ କାର୍ଯ୍ୟ ୩୦% ବି ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଏହାବାଦ୍ ସେହିଦିନ ସାଇ ମନ୍ଦିର ଓ ଗୋପବନ୍ଧୁ ଛକ ନିକଟରେ ୨ଟି ରେଲୱେ ଗଳି ପୋଲ ବା ଲିମିଟେଡ୍ ହାଇଟ ସବ୍‌ୱେ (ଏଲ୍‌ଏଚ୍‌ଏସ୍) ନିର୍ମାଣ ଉପରେ ମୋହର ବାଜିଥିଲା। ହେଲେ ଗୋପବନ୍ଧୁ ଛକ ନିକଟସ୍ଥ ଗଳିପୋଲ କାର୍ଯ୍ୟକ୍ଷମ ହୋଇ ସାରିଥିବାବେଳେ ସାଇ ମନ୍ଦିର ନିକଟସ୍ଥ ଗଳିପୋଲ ଏଯାଏ ଆରମ୍ଭ



ରେଲ୍‌ୱେ ଗଳିପୋଲ ଛାତରେ ପିକ୍‌ଅପ୍ ଭ୍ୟାନ ଲାଗିଯିବାରୁ ଟ୍ରାଫିକ୍ ଯାମ।

ହୋଇ ପାରିନାହିଁ। ଫଳରେ ଗୋଟିଏ ଗଳିପୋଲ ଭିତରେ ଅଧିକ ଯାନବାହନ ଚଳାଚଳ କରୁଥିବାରୁ ବହୁ ସମୟରେ ଟ୍ରାଫିକ ସମସ୍ୟା ବଢ଼ିଯାଉଛି। ଏପରିକି କେତେକ ଗାଡ଼ି ଛାତ ଉପରେ ଲାଗିଯାଇ ଅଟକି ରହୁଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ପୌରାଞ୍ଚଳକୁ ରେଳଲାଇନ୍ ଦୁଇ ଭାଗ କରିଛି। ଏହାର ପୂର୍ବ-ଉତ୍ତର ଦିଗରେ ମୁଖ୍ୟ ସହର ରହିଥିବାବେଳେ ବିପରୀତ ଦିଗରେ ଡାକ୍ତରଖାନା, ଏନ୍‌ସି ହାଇସ୍କୁଲ, ପ୍ରାଣୀ ଚିକିତ୍ସାଳୟ, ବାଳିକା ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଦି ଅନୁଷ୍ଠାନ ରହିଛି। ଏହାବାଦ ପୌରାଞ୍ଚଳର ଗଣେଶ ବଜାର, ନ୍ୟୁ ମାର୍କେଟ, ଝଟିଆସାହି, ମହତାବନଗର, ଗୋଶାଳା, କୋପଣ୍ଡ, ମୁଣ୍ଡୋମାଳ, ଖଣ୍ଡାହତା, ବେଣୁପୁର ଆଦି ୱାର୍ଡଗୁଡ଼ିକ ରହିଛି। ଏହି ରେଳଲାଇନ ଉପରେ କୌଣସି ଫ୍ଲାଏଓଭର ନିର୍ମାଣ ହୋଇ ନ ଥିବାରୁ ସାଇ ମନ୍ଦିର ନିକଟ ରେଲୱେ ଫାଟକ ସହରବାସୀଙ୍କ ପାଇଁ ଏବେବି ଦୁଃଖର କାରଣ ହୋଇଛି। ଏହିକ୍ରମରେ ସହରବାସୀଙ୍କ ପକ୍ଷରୁ ଏକାଧିକ ଥର ଦାବି, ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଆଦି କରାଯାଇଥିଲେ ହେଁ ଏଯାଏ ଆଂଶିକ ସଫଳତା ମିଳି ପାରିଛି। ସାଇ ମନ୍ଦିର ନିକଟରେ ଠିକାସଂସ୍ଥା ପକ୍ଷରୁ ଓଭରବ୍ରିଜ ନିର୍ମାଣ ଅତି ମନ୍ଥର ଗତିରେ ଚାଲିଥିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଅଧିଗ୍ରହଣ ଆରମ୍ଭ ହୋଇନାହିଁ। ଆଇନଜୀବୀ ଜିତେନ୍ଦ୍ର କୁମାର ପ୍ରତିହାରୀ କରିଥିବା ଜନସ୍ୱାର୍ଥ ମାମଲା ନମ୍ବର ୧୪୪୨୫/୧୪ର ରାୟ ପରିପ୍ରେକ୍ଷୀରେ ରେଲୱେ ପକ୍ଷରୁ ଯାଜପୁର ରୋଡ୍ ୧୪୨ ନମ୍ବର(ସାଇ ମନ୍ଦିର) ନିକଟ ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳ ଲାଇନ ତଳେ ଏକ ଗଳିପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ଭାଗୀଦାରିରେ ଉପରୋକ୍ତ ଅର୍ଥ ମଞ୍ଜୁର ହୋଇ ସାରିଛି। ଏଥିପାଇଁ ପ୍ରାୟ ୨ ଏକର ୪୦ ଡେସିମିଲ ଜମି ଅଧିଗ୍ରହଣ କରାଯିବ। ଏଥିଯୋଗୁ ମହତାବନଗର ବସ୍ତିର ଏକାଧିକ ଘର ଭଙ୍ଗାଯିବା ସମ୍ଭାବନା ରହିଛି। ତେବେ ଜମି ଅଧିଗ୍ରହଣ କରିବା ପରେ ସ୍ପଷ୍ଟ ସୂଚନା ମିଳି ପାରିବ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି।

ସେହିପରି ଯାଜପୁର ରୋଡ୍ ରେଳଷ୍ଟେଶନର ପୂର୍ବଦିଗକୁ ଗୋପବନ୍ଧୁ ଛକ ନିକଟରେ ଗଳିପୋଲ ତ୍ରୁଟିପୂର୍ଣ୍ଣ ଭାବେ ନିର୍ମାଣ ଯୋଗୁ ବର୍ଷା ନ ହେଲେ ବି ପ୍ରାୟ ଆଣ୍ଠୁଏ ପାଣି ଜମି ରହୁଛି। ବିଭିନ୍ନ ଗାଡ଼ି ଯାତାୟାତ ଯୋଗୁ ସେହି ପାଣି ଅପରିଷ୍କାର ଓ ଦୂଷିତ ହୋଇ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ଏଥିଯୋଗୁ ବିଭିନ୍ନ ସ୍ଥାନରେ ଭାଙ୍ଗିଯାଇ ଛୋଟବଡ଼ ଗର୍ତ୍ତ ସୃଷ୍ଟି ହେଲାଣି। ଗଳିପୋଲର ପରିସ୍ଥିତିକୁ ଦେଖିଲେ କାର୍ଯ୍ୟ ଏଯାଏ ବି ସମ୍ପୂର୍ଣ୍ଣ ହୋଇ ନ ଥିବା ମନେହେଉଛି। ଗଳିପୋଲ ନିକଟରେ ପମ୍ପ ରଖାଯାଇ ପାଣି ବାହାର କରାଯାଉଛି। ତଥାପି ଆଣ୍ଠୁଏ ପାଣି ଜମି ରହୁଥିବାରୁ ସାଧାରଣ ଲୋକେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ଏ ସଂକ୍ରାନ୍ତରେ ରେଲୱେ ବିଭାଗୀୟ ଯନ୍ତ୍ରୀ ରାଜକିଶୋର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଦ୍ୱିତୀୟ ଗଳିପୋଲ ନିର୍ମାଣ ପାଇଁ ସର୍ଭେ ଚାଲିଛି। ଜମି ଅଭାବରୁ ତାହା ବିଳମ୍ବ ହେଉଛି। ତଥାପି ଆସନ୍ତା ବର୍ଷାଦିନ ପରେ କାର୍ଯ୍ୟ ଆରମ୍ଭ ହୋଇଯିବା ସମ୍ଭାବନା ରହିଛି। ନିର୍ମାଣ ସରିଥିବା ଗଳିପୋଲର ମରାମତି ଆବଶ୍ୟକ ରହିଛି। କିଛିଦିନ ଗଳିପୋଲକୁ ବନ୍ଦ କରାଯାଇ ଏହାର ମରାମତି ପାଇଁ ଯୋଜନା ହୋଇଛି।

# ଟ୍ରାକ୍ଟର ମାଡ଼ି ଯାଇ ଯୁବକଙ୍କ ମୃତ୍ୟୁ

ବିଞ୍ଝାରପୁର, ୨୩।୩ (ରାମକୃଷ୍ଣ ଦାସ)

**ଦୁର୍ଘଟଣା ଘଟାଇ ଟ୍ରାକ୍ଟର ସହ ଚାଳକ ଫେରାର**

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗାଳୋ ପଞ୍ଚାୟତ ବୋଇତାଲୁପାଟଣା ଗ୍ରାମର ଭରତ ଯେନାଙ୍କ ପୁଅ ଚନ୍ଦ୍ରଶେଖର(୨୧)ଙ୍କ ଉପରେ ସୋମବାର ମଧ୍ୟାହ୍ନରେ ଟ୍ରାକ୍ଟର ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ବୋଇତାଲୁପାଟଣା ଗ୍ରାମର ଚନ୍ଦ୍ରଶେଖର ମଧ୍ୟାହ୍ନରେ ଖରସ୍ରୋତା ବନ୍ଧ ରାସ୍ତାରେ ଚାଲି ଚାଲି ଆସୁଥିଲା ବେଳେ ତାଙ୍କ ପଛପଟୁ ଏକ ଟ୍ରାକ୍ଟର ମାଡି ଯାଇଥିଲା। ଟ୍ରାକ୍ଟରଟି ଚନ୍ଦ୍ରଶେଖରଙ୍କ ଉପରେ ମାଡିଯାଇ ଚାଳକ ସହ ଫେରାର ହୋଇଯାଇଥିଲା। ଟ୍ରାକ୍ଟର ମାଡିଯିବା ଯୋଗୁ ରାସ୍ତାରେ ପଡ଼ିଥିବା ଚନ୍ଦ୍ରଶେଖରଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣିଥିଲେ। ହେଲେ ସେଠାରେ ଚିକିତ୍ସକ ଚନ୍ଦ୍ରଶେଖରଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚନ୍ଦ୍ରଶେଖରଙ୍କ ମୃତଦେହ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ଦୁର୍ଘଟଣା ଜନିତ ମୃତ୍ୟୁକୁ ନେଇ ପୋଲିସ ନଂ. ୧୪୬/୨୬ରେ ମାମଲା ରୁଜୁ କରି ଫେରାର ଟ୍ରାକ୍ଟରର ସନ୍ଧାନ ପାଇଁ ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରଟି ଆଳି ଥାନା ଅନ୍ତର୍ଗତ ପାଳିମି ପଞ୍ଚାୟତ ଗଣେଶ୍ୱରପୁର ଗ୍ରାମର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଲଦାଖର ବୌଦ୍ଧଭିକ୍ଷୁଙ୍କ ଲାଙ୍ଗୁଡ଼ି, ତାରାପୁର କ୍ଷେତ୍ର ପରିଦର୍ଶନ



କେଶସ୍ତୁପ ତରାପୁରଠାରେ ଲଦାଖରୁ ସାଇକେଲରେ ଆସିଥିବା ବୌଦ୍ଧ ଭିକ୍ଷୁଗଣ।

ଧର୍ମଶାଳା, ୨୩।୩ (ବଟକୃଷ୍ଣ ପରିଡ଼ା)

ଜାମ୍ମୁ କାଶ୍ମୀର ଲଦାଖରୁ ସାଇକେଲ ଯୋଗେ ଆସିଥିବା ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀମାନେ ଦୁଇଦିନ ହେବ ବିଶ୍ୱ ପ୍ରସିଦ୍ଧ ଲାଙ୍ଗୁଡ଼ି ପୁଷ୍ପଗିରି ବିହାର ଓ ତାରାପୁର କେଶସ୍ତୁପ ପରିଦର୍ଶନ କରିଥିଲେ। କେଶସ୍ତୁପ ନିକଟରେ ଥିବା ତାରାପୁର ଶାଖା ସଂଗ୍ରହାଳୟ ବୁଲି ଦେଖି ଅଭିଭୂତ ହୋଇଥିଲେ। ଲାଙ୍ଗୁଡ଼ିରେ ଗୋଟାଏ ଦିନ ରହଣି ପରେ ସୋମବାର ସକାଳେ ତାରାପୁର ଆସି ପହଞ୍ଚିଥିଲେ। ତାରାପୁରରୁ ଅପରାହ୍ନରେ ଯାଜପୁର ଜିଲା କଳ୍କୀଧାମ ଛତିଆବଟ ଯାଇ ସେଠାରେ ରାତ୍ରିଯାପନ କରିବା ନେଇ ସୂଚନା ଦେଇଥିଲେ। ବୌଦ୍ଧ ଭିକ୍ଷୁଣୀ ଜିଗମୀ ରିଗଜିମ ଓ ବୌଦ୍ଧ ଭିକ୍ଷୁ ହି.ହୋଲିନେସ ମହାତ୍ମାଙ୍କ ତତ୍ତ୍ୱାବଧାନରେ ୫୦ରୁ ବୌଦ୍ଧ ଭିକ୍ଷୁ ଓ ଭିକ୍ଷୁଣୀ ସାଇକେଲ ଯୋଗେ ୩ ମାସ ପୂର୍ବରୁ ଲଦାଖରୁ ବାହାରି ମାର୍ଚ୍ଚ ୧୯ରେ କଟକରେ ପହଞ୍ଚିଥିଲେ। ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳରେ ଥିବା ବୌଦ୍ଧକ୍ଷେତ୍ର ବଜ୍ରଗିରି ବିହାର, ଲାଙ୍ଗୁଡ଼ି ପୁଷ୍ପଗିରି ବିହାର, କାଏମା ହସ୍ତୀ ପ୍ରତିମା, ରାଧାନଗର ଦୁର୍ଗ, ଦେଉଳି ନଖସ୍ତୁପ ଓ ତାରାପୁର କେଶସ୍ତୁପ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିଲା। ଗରମ ଅନୁଭୂତ ହେବାରୁ ସେମାନେ କାର୍ଯ୍ୟକ୍ରମକୁ ପରିବର୍ତ୍ତନ କରିଥିବା କହିଛନ୍ତି। ପରିଦର୍ଶନ ଆଭିମୁଖ୍ୟ ସମ୍ପର୍କରେ ପଚାରିବାରୁ ବୌଦ୍ଧ ଭିକ୍ଷୁଣୀ ଜିଗମା ରିଗଜିମ ସାଇକେଲ ଯୋଗେ ପରିଭ୍ରମଣ କରିବା ଅର୍ଥ ପ୍ରଦୂଷଣ କମ କରିବା। କେବଳ ପୁଅ ନୁହେଁ ଝିଅମାନେ ମଧ୍ୟ ଏତେ ଦୂରରୁ ସାଇକେଲ ଯୋଗେ ଆସିବା, ଯୋଗୁ ଏଠି ପୁଅ ଝିଅ ସମାନ। ସାଇକେଲ ଚଳାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ। ସାଇକେଲରେ ଆସିବା ଦ୍ୱାରା ବିଭିନ୍ନ ସ୍ଥାନ ଦେଖିବା ସହିତ ଲୋକଙ୍କ ସହିତ ମିଶି ହେବ ବୋଲି ସେ କହିଥିଲେ। ୨୦୧୮ରେ ଶହେରୁ ଊର୍ଦ୍ଧ୍ୱ ବୌଦ୍ଧ ଭିକ୍ଷୁ ଧର୍ମଶାଳା ବୌଦ୍ଧ କ୍ଷେତ୍ର ପରିଦର୍ଶନ କରିଥିଲେ ବୋଲି ସେ କହିଥିଲେ। ଆଗାମୀଦିନରେ ଅନେକ ବୌଦ୍ଧ ଭିକ୍ଷୁ ଓ ବୌଦ୍ଧ ଭିକ୍ଷୁଣୀ ଏଠାକୁ ଆସିବେ ବୋଲି ସୂଚନା ଦେଇଥିଲେ। ଏହି ଭିକ୍ଷୁମାନଙ୍କ ସମସ୍ତ କାର୍ଯ୍ୟକ୍ରମରେ ଧର୍ମଶାଳାର ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସଭାପତି ବ୍ରଜ ମୋହନ ବିଶ୍ୱାଳ, ସମ୍ପାଦକ ଆଲୋକ ଜେନାସାମନ୍ତ, କୋଷାଧ୍ୟକ୍ଷ ଜୟନ୍ତ କୁମାର ସ୍ୱାଇଁ, ଉପଦେଷ୍ଟା ସବ୍ୟସାଚୀ ପଣ୍ଡା, ସିପାକ ଜେନାସାମନ୍ତ, ବ୍ରଜ କିଶୋର ମହାନ୍ତି, ଲାବଣ୍ୟ ଜେନା, ବିଶ୍ୱଜିତ ବିଶ୍ୱାଳ ଓ ବିନୋଦ ବିହାରୀ ବଳ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ବୌଦ୍ଧ ଗବେଷକ ପ୍ରକାଶ କୁମାର ନାୟକ ବୌଦ୍ଧ ଭିକ୍ଷୁମାନଙ୍କୁ ଧର୍ମଶାଳା ବୌଦ୍ଧ କ୍ଷେତ୍ର ପରିଦର୍ଶନ କରିବାକୁ ଆମନ୍ତ୍ରଣ କରିଥିଲେ ବୋଲି ସେମାନେ କହିଥିଲେ।

# ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ଚଣ୍ଡିଖୋଲ, ୨୩।୩ (ପ୍ରଦୀପ୍ତ କୁମାର ପୃଷ୍ଟି)




ବଡ଼ଚଣା ବ୍ଲକ ଅନ୍ତର୍ଗତ ରାଧାଦେଇପୁର ପଞ୍ଚାୟତ ଉଦୟନଗର ଗ୍ରାମରେ ସୋମବାର ୩ ବଖରା ଜଳିଯାଇଛି। ବିଦ୍ୟୁତ ଶର୍ଟସର୍କିଟରୁ ନିଆଁ ଲାଗି ୩ ବଖରା ଘର ସହିତ ସମସ୍ତ ଆସବାବପତ୍ର ଜଳି ପୋଡି ଯାଇଛି। ଗ୍ରାମର ଅଜୟ କୁମାର ରାଉତରାୟଙ୍କ ଘରେ ହଠାତ ଅପରାହ୍ନ ୩ ଟାରେ ବିଦ୍ୟୁତ ଶର୍ଟସର୍କିଟ ଘଟି ସେଥିରୁ ନିଆଁ ବାହାରି ତାଙ୍କର ୨ ବଖରା ଚାଳ ଘର ଜଳିଯାଇଥିଲା। ପରେ ଏହି ନିଆଁରୁ ତାଙ୍କ ସାନ ଭାଇ ବିଜୟ କୁମାର ରାଉତରାୟଙ୍କ ଘରକୁ ବ୍ୟାପି ଗୋଟିଏ ବଖରା ପୋଡି ପାଉଁଶ ହୋଇଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଖବରପାଇ ବାଇଶିମୌଜା ରାଜସ୍ୱ ନିରୀକ୍ଷକ ସେଠାକୁ ଆସି ଉଭୟ ପରିବାରକୁ ପଲିଥିନ ପ୍ରଦାନ କରିଥିଲେ। ଏହି ଖବରପାଇ ବିଧାୟକ ଅମର କୁମାର ନାୟକ ଦୁଃଖ ପ୍ରକାଶ ପୂର୍ବକ ଅଗ୍ନି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି।

# ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା, ୨୩।୩ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା କୋଟପୁର ଫାଣ୍ଡି ଅନ୍ତର୍ଗତ ଭଗବାନପୁର ଗ୍ରାମର ଶିବପ୍ରସାଦ ମହାନ୍ତି (୫୦) ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ନାବାଳିକାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୨୩/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଶିବପ୍ରସାଦଙ୍କୁ ଗିରଫ କରି ଉଭୟଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରିଥିଲେ। ପରେ ଅଭିଯୁକ୍ତ ଶିବପ୍ରସାଦଙ୍କୁ ସୋମବାର ଯାଜପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

# କଲ୍‌ଭର୍ଟ ରାସ୍ତା ମରାମତି, ଠିକାଦାର କଳା ତାଲିକାଭୁକ୍ତ

ବ୍ୟାସନଗର,୨୩।୩ (ପବିତ୍ର ରଞ୍ଜନ ମହାନ୍ତି)

ନିମ୍ନମାନର କାର୍ଯ୍ୟ ଯୋଗୁ କଲଭର୍ଟ ସଂଯୋଗ କରୁଥିବା ରାସ୍ତା ସପ୍ତାହକ ମଧ୍ୟରେ ଭାଙ୍ଗି ଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏ ନେଇ ୧୮ ତାରିଖରେ କଲଭର୍ଟକୁ ସଂଯୋଗ କରୁଥିବା ରାସ୍ତା ୨ ପଟେ ଗର୍ତ୍ତ ଶୀର୍ଷକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପୌର ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନ୍ୟଜଣେ ଅଭିଜ୍ଞ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତାର ମରାମତି କରାଯାଇଥିଲା। ଏହାସହ ପୂର୍ବ ଠିକାଦାରଙ୍କ ବିଲ ବନ୍ଦ କରାଯାଇ କଳା ତାଲିକା ଭୁକ୍ତ କରାଯିବ ବୋଲି ପୌର କର୍ତ୍ତୃପକ୍ଷ ସଫେଇ ଦେଇଛନ୍ତି।



ଧରିତ୍ରୀରେ ଖବର ପ୍ରକାଶନ ସମୟର ରାସ୍ତାକୁ ସଂଯୋଗ କରୁଥିବା କଲଭର୍ଟ ଭାଙ୍ଗି ଯାଇଛି।



ଖବର ପ୍ରକାଶନ ପରେ ସଂଯୋଗ ରାସ୍ତା ମରାମତି କରାଯାଇଛି।

ସୂଚନାଯୋଗ୍ୟ, ବ୍ୟାସନଗର ପୌର ପରିଷଦ ୨୦ନଂ. ୱାର୍ଡ ଡାକବଙ୍ଗଳାଠାରୁ ଅହମଦନଗର ବ୍ୟସ୍ତ ବହୁଳ ରାସ୍ତାର ଶାନ୍ତି ହୋଟେଲ ନିକଟରେ ଥିବା ପୋଲ (କଲଭର୍ଟ)ଟି ଭାଙ୍ଗି ଯାଇ ଯାତାୟାତରେ ଅସୁବିଧା ହେଉଥିଲା। ଜଣେ ବାହାର ଠିକାଦାର କାର୍ଯ୍ୟାଦେଶ ପାଇ ଯନ୍ତ୍ରୀଙ୍କ ଅନୁପସ୍ଥିତରେ କଲଭର୍ଟ କାର୍ଯ୍ୟ ତରବରିଆ ଭାବେ ଅତି ନିମ୍ନମାନର କରି ଚାଲିଯାଇଥିଲେ। ନିମ୍ନମାନର ସିମେଣ୍ଟ ସ୍ଲାବ ପକାଇବା ସହ ତଳେ ବାଲି ଉପରେ ନିମ୍ନମାନର ସିମେଣ୍ଟ ଢେଳଇ ଦେଇଥିଲେ। କାର୍ଯ୍ୟ ସାରିବାର ୭ ଦିନ ମଧ୍ୟରେ କଲଭର୍ଟକୁ ସଂଯୋଗ କରୁଥିବା ୨ ପଟ ରାସ୍ତା ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ଗର୍ତ୍ତ ସୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ଅହମଦନଗର, ଶର୍ମା କଲୋନୀ ବାସିନ୍ଦା ଓ ରେଳ ବିଭାଗ କର୍ମଚାରୀମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତି ସମୟରେ ଉକ୍ତ ସ୍ଥାନରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏ ନେଇ ୨୦ନଂ. କାଉନସିଲର ସରୋଜିନୀ ସେଠୀଙ୍କ ପ୍ରତିନିଧି ବିଶ୍ୱନାଥ ସେଠୀଙ୍କୁ ପଚାରିବାରୁ ସେ ଏବାବଦରେ ପୌର ନିର୍ବାହୀ ଅଧିକାରୀ ଓ ପୌର ଯନ୍ତ୍ରୀଙ୍କୁ ଜଣାଇ ସମ୍ପୃକ୍ତ ଠିକାଦାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଉକ୍ତ ରାସ୍ତାଟିକୁ ଯଥାଶୀଘ୍ର ମରାମତି କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ଠିକାଦାର ଓ ପୌର ଯନ୍ତ୍ରୀଙ୍କ ସଲାସୁତରା ଯୋଗୁ କାମ ନିମ୍ନମାନର ହୋଇଥିଲା। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କ୍ଷୀରାବ୍ଧି ତନୟା



@ ପ୍ରଭାସ



@ ସଂଗ୍ରାମ



@ ଶୁଭଲକ୍ଷ୍ମୀ



@ ନିଲୋଫର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ବାଲି ହାଇୱା ଚାଳକ କୋର୍ଟ ଚାଲାଣ

ପାଣିକୋଇଲି, ୨୩।୩ ( ବିକାଶ ଚନ୍ଦ୍ର ମଲ୍ଲିକ)

ଖଣି ବିଭାଗ ଦ୍ୱାରା ଜବତ ୨ ବାଲି ହାଇୱାକୁ ପାଣିକୋଇଲି ଥାନାରେ ଜିମା ଦିଆଯାଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ସୋମବାର ୨ ଚାଳକଙ୍କୁ କୋର୍ଟ ଚାଲାଣ କରିଛି। ସୋମାନେ ହେଲେ ଚାଳକ ଭଦ୍ରକ ଜିଲା ଭଣ୍ଡାରୀପୋଖରୀ ଥାନା ଅନ୍ତର୍ଗତ ମଳଦା ଗ୍ରାମର ପ୍ରକାଶ କୁମାର ସାହୁ, ଦକ୍ଷିଣବାଡ ଗ୍ରାମର ରାକେଶ କୁମାର ଜେନା। ଏ ନେଇ ପୋଲିସ ନଂ. ୮୭/୨୬ ଓ ୮୮/୨୬ରେ ମାମଲା ରୁଜୁ କରିଥିଲା।

# ଅନାବାଦୀ ଜଙ୍ଗଲ ଜମିରେ ଗୃହ ନିର୍ମାଣ

**ତଦନ୍ତ ନିର୍ଦ୍ଦେଶ ଦେଲେ ତହସିଲଦାର**

ଯାଜପୁର,୨୩।୩ (ହର୍ଷବର୍ଦ୍ଧନ ବେହେରା)

ଦେଶର ସୈନିକଙ୍କ ପାଇଁ ସଂରକ୍ଷଣ ଥିବା ଜମି ଉପରେ ଗୃହ ନିର୍ମାଣ କରାଯାଇ ପାଚେରି ନିର୍ମାଣ ପାଇଁ ମସୁଧା ଚାଲିଛି। ଏହାବାଦ ପରିବେଶ ମନ୍ତ୍ରଣାଳୟ ବିଭାଗର କୌଣସି ଅନୁମତି ନ ନେଇ ଜଙ୍ଗଲ କିସମ ଜମି ଉପରେ ଗୃହ ନିର୍ମାଣ ଚାଲିଥିବା ସମ୍ପର୍କରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଅଭିଯୋଗ ହେବାପରେ ସୋମବାର ସୁକିନ୍ଦା ତହସିଲଦାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁସାରେ ଯାଜପୁର ଜିଲା ସୁକିନ୍ଦା ତହସିଲ କୁହିକା ପଞ୍ଚାୟତର କୁହିକା ଗ୍ରାମରେ ଥିବା ଏକ ସଂରକ୍ଷିତ ଜମିକୁ ଦୁଇ ଜଣ ଜବରଦସ୍ତ ମାଡିବସି ଘର ନିର୍ମାଣ କରି ପାଚେରି କରୁଥିବା ଅଭିଯୋଗ ହୋଇଛି। ସେହିପରି କୁହିକା ମୌଜାର ଏକ ଜଙ୍ଗଲ କିସମ ଜମିକୁ ବଳପୂର୍ବକ ଅକ୍ତିଆର କରାଯାଇ ଗୃହ ନିର୍ମାଣ କରାଯାଉଛି। ଏହିମର୍ମରେ ଦୀର୍ଷା ମହାକୁଡ଼, ସୁଶୀଲ ମହାନ୍ତ, ରାମଚନ୍ଦ୍ର ମହାନ୍ତ, ବିଜୟ ସାଙ୍କୁ, କରୁଣା କର ବାଙ୍କିରା, ପାର୍ବତୀ ମହାନ୍ତ, ରମେଶ ମହାନ୍ତ, ସିଧୁ ବାଙ୍କିରା, ଫକୀର ଦେହୁରୀ, ପ୍ରତାପ ଦେହୁରୀ, ଦୟାନିଧି ଦେହୁରୀ ପ୍ରମୁଖଙ୍କ ନେତୃତ୍ୱରେ ଏକ ଦରଖାସ୍ତ ତହସିଲଦାରଙ୍କୁ ଦିଆଯାଇଥିଲା। ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଉକ୍ତ ଅଭିଯୋଗକୁ ଗ୍ରହଣ କରି ସୁକିନ୍ଦା ତହସିଲ କାର୍ଯ୍ୟାଳୟ ମେମୋ ନମ୍ବର ୧୦୦୩ ଓ ୧୦୦୪ରେ କାଙ୍କଡ଼ପାଳ ରାଜସ୍ୱ ନିରୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି।

# ଜଙ୍ଗଲ କିସମ ଜମିକୁ ନେଇ ଦ୍ୱନ୍ଦ୍ୱ

■ ଖବରଦାତା ସମ୍ମିଳନୀରେ ଖୁଲାସା
■ ଖରିନାସି, ରାମନଗର, ଜମ୍ବୁ ଶରଣାର୍ଥୀଙ୍କୁ ନ୍ୟାୟ ଦାବି

ମହାକାଳପଡ଼ା, ୨୩।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଖରିନାଶି, ରାମନଗର ଓ ଜମ୍ବୁ ମୌଜାର ବହୁ ସଂଖ୍ୟାରେ ଶରଣାର୍ଥୀଙ୍କୁ ୧୯୫୦-୫୧ରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଥଇଥାନ କରାଯାଇଥିଲା। ସେମାନଙ୍କୁ ସେ ସମୟର ସରକାର ବସବାସ ପାଇଁ ଡିହ ଓ କେତେକ ଚାଷ ଜମି ଯୋଗାଇ ଦେଇଥିଲେ। ସେବେଠାରୁ ଶରଣାର୍ଥୀମାନେ ବସବାସ କରିବା ସହ ଜମିରେ ଚାଷ କରି ପରିବାର ପୋଷଣ କରୁଛନ୍ତି। ହେଲେ ସେମାନଙ୍କୁ ଜମି ପଟ୍ଟା ପ୍ରଦାନ କରିବାରେ ଅବହେଳିତ କରାଯାଉଛି। ୨୦୧୨-୧୩ ଠାରୁ ପାଉତି କାଟିବା ବନ୍ଦ କରାଯାଇଛି। ଏହା ପରେ ଏମାନେ ବହୁ ସମସ୍ୟାରେ ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କାରଣ ଜମି ଜଙ୍ଗଲ କିସମ ହୋଇଥିବାରୁ ପଟ୍ଟା ପ୍ରଦାନରେ ସମସ୍ୟା ହୋଇଥିଲା। ଏହି ଶରଣାର୍ଥୀମାନେ ୭୫ ବର୍ଷ ଧରି ସ୍ଥାୟୀ ଜମି ପଟ୍ଟା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କଠାରେ ଦାବି କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲା। ଅପର ପକ୍ଷରେ ଏମାନଙ୍କୁ ଜଙ୍ଗଲ କିସମ ଜମିକୁ ପଟ୍ଟା ପ୍ରଦାନ କରିବା ପାଇଁ ରେକର୍ଡ଼ ଅଫ ରାଇଟ ଥଇଥାନ ପ୍ୟାକେଜ ସେକ୍ସନ ନମ୍ବର ୨୪୪-ରିଫ୍ୟୁଜି-ପି / ୨୧।୫।୬୨ ସ୍ୱତନ୍ତ୍ର ନିର୍ଦ୍ଦେଶ ପ୍ରଦାନ କରି ତତ୍କାଳୀନ



ଖରିନାସି ମୌଜା ବାତ୍ୟା ଆଶ୍ରୟସ୍ଥଳୀଠାରେ ଖବରଦାତା ସମ୍ମିଳନୀରେ ଭାଜପା ନେତା ସୌଭାଗ୍ୟ କୁମାର ପରିଡ଼ା ଓ ଅନ୍ୟମାନେ।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ଏମ୍ଆର ରଥ ବନ୍ଦୋବସ୍ତ କଟକ ଜିଲା ଅନ୍ତର୍ଗତ ବୋଲି ଉଲ୍ଲେଖ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କଟକ ସେଟେଲମେଣ୍ଟ ଅଫିସରୁ ତଥ୍ୟ ସମ୍ବଳିତ ଏକ ପୁସ୍ତକ ହସ୍ତଗତ ହୋଇଛି। ଏହି ଦସ୍ତାବିଜର ୩୨ ନମ୍ବର ପୃଷ୍ଠାର ବହୁ ଗରୁତ୍ୱପୂର୍ଣ୍ଣ ତଥ୍ୟ ଖବରଦାତା ସମ୍ମିଳନୀରେ ଭାଜପା ନେତା ଡ଼ ସୌଭାଗ୍ୟ କୁମାର ପରିଡ଼ା ଦର୍ଶାଇଥିଲେ।

ଏହି ଦସ୍ତାବିଜ ଦାଖଲ କରିବା ପାଇଁ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜିଲା ପ୍ରଶାସନ ନ ଶୁଣିଲେ ଅମେ ବାଧ ହୋଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଆଶ୍ରୟ ନେବାକୁ ସୂଚନା ଦେଇଛନ୍ତି। ସେହିପରି ଏହିଭଳି ଜଙ୍ଗଲ ଜମି ସମସ୍ୟା ଖୋର୍ଦ୍ଧା ଜିଲା ସୁନ୍ଦରପୁର ମୌଜାର ଶରଣାର୍ଥୀମାନଙ୍କୁ ଜମି ପଟ୍ଟା ୨୫।୭।୨୫ରେ ରାଜ୍ୟ ସରକାର ପ୍ରଦାନ କରିଥିଲେ। ରାଜ୍ୟ ସରକାର ଯେଉଁ ଭଳି ସୁନ୍ଦରପୁର ମୌଜାର ଶରଣାର୍ଥୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ ସେହିଭଳି ଖରିନାସି, ରାମନଗର ଓ ଜମ୍ବୁ ମୌଜାର ଶରଣାର୍ଥୀ ମାନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ପାଇଁ ପରିଡ଼ା ଦାବୀ କରିଥିଲେ। ଏହି ସମ୍ମିଳନୀରେ ତୁଷାର ସର୍ଦ୍ଦାର, ଅର୍ଜୁନ ମଣ୍ଡଳ ଓ ରଶ୍ମିରଞ୍ଜନ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

# ସ୍ଥାୟୀ ନିଯୁକ୍ତି ଦାବିରେ କଳାବ୍ୟାଜ୍ ପିନ୍ଧି ଏପିଓଙ୍କ ଶାନ୍ତିପୂର୍ଣ୍ଣ ପ୍ରତିବାଦ



କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଥିବା ଏପିଓ।

ଆଳି, ୨୩।୩ (ବନମାଳୀ ସେନାପତି)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ )ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ଷ୍ଟେଟ ଏମ୍‌ସି ଏବଂ ଏପିଓ ଆସୋସିଏଶନ (ଓସ୍‌ମା) ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରାଯାଇଛି। ସଂଘ ନିଷ୍ପତ୍ତି ଅନୁଯାୟୀ, ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ କାର୍ଯ୍ୟରତ ଏପିଓମାନେ ନିଜର ଦାବି ଉପସ୍ଥାପନ ପାଇଁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରିଛନ୍ତି। ଦୀର୍ଘ ୧୫ ବର୍ଷ ଧରି ନିରନ୍ତର ସେବା ଦେଇଥିବା ସତ୍ତ୍ୱେ ଏହି କର୍ମଚାରୀମାନେ ଏ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ କାର୍ଯ୍ୟରତ ରହିବା ଦୁଃଖଦ ଓ ଅନ୍ୟାୟ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ଏ ସମ୍ପର୍କରେ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇ ନ ଥିବାରୁ ସଂଘ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ବ୍ଲକ୍‌ରେ କାର୍ଯ୍ୟରତ ଏପିଓମାନେ ନିଜ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ୍ ପରିଧାନକରି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। କେନ୍ଦ୍ରାପଡ଼ା ଜିଲା ସଂଘ ପକ୍ଷରୁ ସମସ୍ତ ବ୍ଲକର ଏପିଓମାନେ ଆନ୍ଦୋଳନରେ ରହିଛନ୍ତି। ଆଳି ବ୍ଲକ ଏପିଓ ସତ୍ୟରଞ୍ଜନ ସୁଆର ବ୍ଲକ୍ କାର୍ଯ୍ୟାଳୟରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇ କାର୍ଯ୍ୟ କରୁଛନ୍ତି।

# ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ୧୨୭ ଅଭିଯୋଗ ପଞ୍ଜୀକୃତ

ରାଜକନିକା, ୨୩।୩ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କେନ୍ଦ୍ରାପଡ଼ା ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୦୭ ବ୍ୟକ୍ତିଗତ ଓ ୨୦ ସାମୂହିକ ଅଭିଯୋଗ ଥିଲା। ଜିଲାପାଳ ରଘୁରାମ ଆର୍. ଆୟାର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଜିଲାପାଳ ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର ସରୋଜ କୁମାର ବେହେରା, ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଲିକ, କନିକା ତହସିଲଦାର ଭାନୁମତୀ ମାଝୀ ଓ ଆସିଷ୍ଟାଣ୍ଟ ଏକଜିକ୍ୟୁଟିଭ ଇଂ. ସୁଧାଂଶୁ ଶେଖର ପାତ୍ରଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ଗ୍ରୀଷ୍ମ ଆରମ୍ଭରୁ ରାଜକନିକା ଅଞ୍ଚଳରେ ଜଳକଷ୍ଟ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଥିବା ଗୋପାଳପୁର, ବନ୍ଧପଡା ଓ ହାଟସାହି ଗାଁ ଲୋକମାନେ ଅଭିଯୋଗ କରିଥିଲେ। ସେହିପରି ରାଜକନିକା ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ଚୋରା ମଦ କାରବାର ବ୍ୟାପୁଥିବାରୁ ସମିତି ସଭ୍ୟ ଶରତ ରାଉତ, ସାମାଜିକକର୍ମୀ ଶୁଭ୍ରଜିତ ବିଶ୍ୱାଳ ଓ ବିନୋଦ ନାୟକ ଅଭିଯୋଗ କରିଛନ୍ତି। ରାଜକନିକା ବ୍ଲକର ୧୭ କେନାଲରେ ଦଳଭର୍ତ୍ତି ହୋଇ ପୋତି ହୋଇଯାଇଥିବାରୁ ଚାଷ କାମ ହୋଇ ପାରୁନାହିଁ। ଏହାର ପୁନରୁଦ୍ଧାର ଦାବୀ କରିଛନ୍ତି ୨୯ନଂ ଜୋନ ଜିଲା ପରିଷଦ ସଦସ୍ୟା ଅମିତା ସାହୁ, କଣ୍ଟପଡା ସରପଞ୍ଚ ବିଜୟାଲକ୍ଷ୍ମୀ ବେହେରା ଓ ଅରୁଣ ରାଉତ ପ୍ରମୁଖ।

ସେହିପରି ନହୁଣୀ ପଞ୍ଚାୟତ ଅଫିସ ନୂତନ ଗୃହ ଅନ୍ୟତ୍ର ନିର୍ମାଣକୁ ବିରୋଧ କରି ଜିଲାପାଳଙ୍କୁ ଦାବି କଲେ ପଞ୍ଚାୟତବାସୀ। ଏଥିସହିତ ମାଟି ମାଫିଆମାନେ ସରକାରୀ ଜମିରୁ ବେଆଇନ ଭାବେ ମାଟି ନେବା, ରାସ୍ତା ନିର୍ମାଣ, ରାଶନ କାର୍ଡ, ଡ୍ରେନେଜ ପୁନରୁଦ୍ଧାର, ସ୍କୁଲ ଘର ନିର୍ମାଣ ଆଦି ଅଭିଯୋଗ ଗୁଡିକ ଆସିଥିଲା। ସଂଯୋଜକ ମତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ସାମାଜିକ ସମୀକ୍ଷକ ସୁବ୍ରତ ରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଳି ହାଇସ୍କୁଲ ୧୯୯୨ ବ୍ୟାଚ୍ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ଆଳି, ୨୩।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ହାଇସ୍କୁଲର ୧୯୯୨ ଛାତ୍ରୀଛାତ୍ରଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପୁରାତନ ଛାତ୍ର ସୁଶୀଲ କୁମାର ସେନାପତି, ସୂର୍ଯ୍ୟମଣି ସାମଲ, ସରୋଜିନୀ ମିଶ୍ର, ଶରତ କୁମାର ପାତ୍ର, ଅଜାମ୍ବର ରାଉତ ଓ ସୁଜିତ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ବନ୍ଧୁମିଳନରେ ଏହି ବ୍ୟାଚ୍‌ରେ ପଢୁଥିବା ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେପକାଇ ନିଜ ଛାତ୍ରଜୀବନର ଅନୁଭୂତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସମାଜସେବା ଓ ଶିକ୍ଷାର ଉନ୍ନତି ପାଇଁ ଏକତ୍ରିତ ହୋଇ କାମକରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ବିନୋଦ ସେନାପତି, ବିଦ୍ୟାଧର ଦାସ, ଖଗେଶ୍ୱର ସାହୁ, ବିଭୁ ରାୟ, ପ୍ରଶାନ୍ତ ବାରିକ, ଦେବାଶିଷ ରାୟ, ପ୍ରତାପ ସାହୁ, ରାଜେନ୍ଦ୍ର ବାରିକ, ବିମଳ ପ୍ରସାଦ ରାଉତ, ଜିତେନ୍ଦ୍ର ରାୟ, ରାଜେନ୍ଦ୍ର ପ୍ରଧାନ, କବିତା ଦାସ, ଗୀତାଞ୍ଜଳି ପଟ୍ଟନାୟକ, ସଂଯୁକ୍ତା ରାଉତ, ଭାରତୀ ଦୀକ୍ଷିତ, ସନ୍ଧ୍ୟାରାଣୀ ସାହୁ, ହେମଲତା ସାହୁ, ସୁଲୋଚନା ମିଶ୍ର, ସ୍ମିତାରାଣୀ ରାୟ, ମମତା ସାହୁ, ସାନ୍ତ୍ୱନା ରଥ ଓ ସଂଯୁକ୍ତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଭାଜପା କର୍ମକର୍ତ୍ତାଙ୍କୁ ପ୍ରଶିକ୍ଷଣ

ମାର୍ଶାଘାଇ, ୨୩।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)





ପ୍ରଶିକ୍ଷଣ ଶିବିରରେ ଭାଗନେଇଥିବା କର୍ମକର୍ତ୍ତା।

ମାର୍ଶାଘାଇ ବ୍ଲକ୍ ବେରୁହାଁ ପଞ୍ଚାୟତରେ ଭାଜପା ପକ୍ଷରୁ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନ୍ତର୍ଗତ ମଣ୍ଡଳସ୍ତରୀୟ ଭାଜପା କର୍ମକର୍ତ୍ତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ବିକ୍ରମ କେଶରୀ ରାଉତରାୟ, ଜିଲା ସାଧାରଣ ସମ୍ପାଦିକା ପ୍ରତିମା ନାୟକ ପ୍ରମୁଖ ଯୋଗଦେଇ ଏହି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ସାଧାରଣ ସମ୍ପାଦକ ସୁକାନ୍ତ ପଣ୍ଡା, ବର୍ଗ ସଂଯୋଜକ ଅଶୋକ ବେହେରା, ରମେଶ ଲେଙ୍କା, ବ୍ୟବସ୍ଥା ପ୍ରମୁଖ ନରେଶ ବେହେରା, ରଞ୍ଜନ ବେହେରା, ପ୍ରଶାନ୍ତ ସାହୁ, ବିଭୁରାଜ ସାମଲ, ଆଶୁତୋଷ ମହାପାତ୍ର ଓ ଦେବବ୍ରତ ଚୌଧୁରୀ ପ୍ରମୁଖ କାର୍ଯ୍ୟକର୍ତ୍ତା ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଅପରେଶନ ସାଗର କବଚ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୨୩।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଶେଷ ପ୍ରାନ୍ତରେ ଥିବା ବଙ୍ଗୋପସାଗର ତଟବର୍ତ୍ତୀ ବ୍ଲକର ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଅପରେଶନ ସାଗର କବଚ ପାଇଁ ଏକ ପ୍ରସ୍ତୁତ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଗର କବଚ କାର୍ଯ୍ୟକ୍ରମ ଚଳିତ ମାସ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ ହେବ ବୋଲି ସାମୁଦ୍ରିକ ଥାନା ଆଇଆଇସି ସନ୍ଧ୍ୟାରାଣୀ ଜେନା ସୂଚନା ଦେଇଛନ୍ତି। ଏହି ଦୁଇ ଦିନ ମେରାଇନ ପୋଲିସ, କୋଷ୍ଟଗାର୍ଡ ଓ ସାଗର ମିତ୍ରଙ୍କ ଦ୍ୱାରା ତାଳଚୁଆ ଜେଠି, ଫେରିଘାଟ ଓ ଗଭୀର ସମୁଦ୍ର ଦେଇ ଆସୁଥିବା ଲୋକଙ୍କୁ ଚେକିଂ କରାଯିବା ସହିତ ସାମୁଦ୍ରିକ ପଥରେ ଆତଙ୍କବାଦୀଙ୍କୁ ଦୃଢ଼ ଭାବରେ ମୁକାବିଲା କରିବା ଓ ସେମାନଙ୍କ ଗତିବିଧି ଉପରେ ନଜର ରଖି କୌଣସି ଆତଙ୍କବାଦୀ ଘଟଣା ଘଟିଲେ ସେମାନଙ୍କ ବିରୋଧରେ କିପରି ଦୃଢ ପଦକ୍ଷେପ ନିଆଯିବ ସେ ନେଇ ତାଳଚୁଆ ସାମୁଦ୍ରିକ ଥାନା ପରିସରରେ ପ୍ରଶିକ୍ଷଣ ଦିଆଯାଇଛି। ବର୍ତ୍ତମାନ ମଧ୍ୟପ୍ରାଚ୍ୟ ଭୟଙ୍କର ଯୁଦ୍ଧ ଯୋଗୁ ଯେ କୌଣସି ମୁହୂର୍ତ୍ତରେ ଜଳ ଭାଗରେ ଯୁଦ୍ଧକୁ ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପ୍ରଶିକ୍ଷଣ ଦିଆଯାଇଛି ବୋଲି ଆଇଆଇସି ଜେନା ସୂଚନା ଦେଇଛନ୍ତି।



ଥାନାରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ।

# ଦୁର୍ଘଟଣା ରୋକିବାକୁ ଦାବିପତ୍ର

## ରାଜପଥ ଉପରେ ଗୋପ ହାଟ

କେନ୍ଦ୍ରାପଡ଼ା, ୨୩।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଗୋପ ହାଟ ଛକ ପ୍ରଶାସନିକ ଅବହେଳାର ନିଦର୍ଶନ ସାଜିଛି। ପ୍ରତ୍ୟହ ଜାତୀୟ ରାଜପଥ ଉପରେ ବ୍ୟବସାୟ ଚାଲୁଛି। ଏଥିସହ ରବିବାର ଓ ଗୁରୁବାର ସ୍ଥାନୀୟ ହାଟ ପାଇଁ ଦୁର୍ଘଟଣା ବଢୁଛି। ଏପରିକି ଯାତାୟାତ ସମ୍ଭବ ହେଉନାହିଁ। ଏପରି ଅଭିଯୋଗ ଆଣି ନିରାକରଣ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ସ୍ୱାଭିମାନ ଟ୍ରଷ୍ଟ ପକ୍ଷରୁ ସୋମବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଟ୍ରଷ୍ଟ ସଭାପତି ଇଂ. ସ୍ମୃତିରଞ୍ଜନ ଜେନା କହିଛନ୍ତି, ଆର୍‌ଏମ୍‌ସି ଅଧୀନରେ



ଏହି ହାଟ ପରିଚାଳିତ ହେଉଛି। ପରିଚାଳନା ପାଇଁ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ବ୍ୟବସାୟୀଙ୍କଠାରୁ ରାଜସ୍ୱ ନେଉଛନ୍ତି। ବ୍ୟବସାୟୀଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ହାଟ ବ୍ୟବସାୟ କରିବାକୁ ସଚେତନ କରାଇବା କଥା। ମାତ୍ର ଜାତୀୟ ରାଜପଥ ଉପରେ ବେଆଇନ ଭାବେ ବ୍ୟବସାୟ ଚଳାଉଥିବା ବ୍ୟବସାୟୀଙ୍କଠାରୁ ରାଜସ୍ୱ ଆଦାୟକରି ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଜବରଦଖଲ ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏହି ବ୍ୟବସାୟୀମାନେ ଜାତୀୟ ରାଜପଥ ସହିତ ନିକଟରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ପୋଲ ମଧ୍ୟରେ ବ୍ୟବସାୟ ପସରା ଖୋଲିଛନ୍ତି। ଏହି ରାଜପଥ ଦେଇ ପ୍ରତି ମିନିଟ୍‌ରେ ଅନ୍ୟୂନ ୫ରୁ ୧୦ଟି ଗାଡ଼ି ଯାତାୟାତ କରିବା ବଦଳରେ ଛକ ପୂର୍ବରୁ ଗାଡ଼ିଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଅଟକି ରହୁଛି। ସେହିପରି ଚଳଚଞ୍ଚଳ ରାଜପଥ ଉପରେ ବ୍ୟବସାୟ ଦ୍ୱାରା ଦୁର୍ଘଟଣା ବଢ଼ିଚାଲିଛି। ଏ ନେଇ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ଗୋଟିଏ ସପ୍ତାହ ପାଇଁ ରାଜପଥ ଉପରେ ବ୍ୟବସାୟ ହୋଇ ନ ଥିଲା। ଫଳରେ ଦୁର୍ଘଟଣା କମିବା ସହ ଯାତାୟାତ ସୁବିଧା ହୋଇଥିଲା। ପୁନର୍ବାର ଏହି ଛକ ବ୍ୟବସାୟୀଙ୍କ କବଳରେ ରହିଥିବା ଟ୍ରଷ୍ଟ ସଭାପତି ଜେନା କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ପଚାରିବାରେ ଗୋପ ହାଟ ଅବ୍ୟବସ୍ଥାକୁ ସୁଧାରିବା ପାଇଁ ବାରମ୍ବାର ସଚେତନ କରାଯାଉଛି। ନିକଟରେ ବ୍ୟବସାୟୀଙ୍କ ଉପରେ ଜରିମାନା ହେବ ବୋଲି କୁହାଯାଇଛି। ଏ ନେଇ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କ୍ଷୀରାବ୍ଧିତନୟା



@ ପ୍ରଭାସ



@ ସଂଗ୍ରାମ



@ ଶୁଭଲକ୍ଷ୍ମୀ



@ ନିଲୋଫର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜିଲା ମହୋତ୍ସବକୁ ଚାଷୀଙ୍କ ବିରୋଧ

ଯାଜପୁର ଟାଉନ, ୨୩।୩ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଯାଜପୁର ଜିଲା ମହୋତ୍ସବକୁ ବିରୋଧ କରିବା ସହିତ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ସମେତ ବହୁ ଚାଷୀ ଜିଲା ମହୋତ୍ସବର ମଞ୍ଚ ଉପରେ ଚଢ଼ି ପ୍ରତିବାଦ କରିଥିଲେ। ମଣ୍ଡିରେ ଧାନ ଅବ୍ୟବସ୍ଥା ଯୋଗୁ କାନ୍ଧରେ ଧାନ ଭାର ବୋହି ଚାଷୀ ଆନ୍ଦୋଳନ କରିଥିଲେ। ପୋଲିସ ଚାଷୀଙ୍କୁ ମଞ୍ଚ ଉପରୁ ଗୋଡ଼ାଇ ଗୋଡ଼ାଇ ପଦାକୁ ବାହାର କରିଥିଲେ ମଧ ସେମାନେ ରାସ୍ତା ଉପରେ କିଛି ସମୟ ପାଇଁ ଆନ୍ଦୋଳନ କରିଥିଲେ।

# ନୟାଗଡ଼ରେ ଗୋଚାଲାଣ ର୍‌ୟାକେଟ ସକ୍ରିୟ

■କଂସେଇଖାନାକୁ ଚାଲାଣ ହେଉଛନ୍ତି ଗୋରୁ
■୧୯ ଦିନରେ ଉଦ୍ଧାର ହେଲେଣି ୭୧

ନୟାଗଡ଼,୨୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଆନ୍ତଃରାଜ୍ୟ ଗୋଚାଲାଣ ର୍‌ୟାକେଟ ସକ୍ରିୟ ରହିଥିବା ଅଭିଯୋଗ ହୋଇ ଆସୁଛି। ୧୯ ଦିନରେ ଗଣିଆ, ଇଟାମାଟି ଓ ଫତେଗଡ଼ ଥାନା ପୋଲିସ ୭୧ ଗୋରୁ ଉଦ୍ଧାର କରିବା ଘଟଣା ଗୋଚାଲାଣ ର୍‌ୟାକେଟକୁ ପ୍ରମାଣିତ କରୁଛି। ଗତ ୧ ତାରିଖରେ ଶଙ୍ଖେଇଠାରୁ ଇଟାମାଟି ପୋଲିସ ଟ୍ରକ୍, ଟାଟା ଏସ୍‌ଇସି ଜବତ କରିବା ସହ ୨୦ ଗୋରୁଙ୍କୁ ଜବତ କରିଥିଲା। ସେହିପରି ଗତ ୧୮ ତାରିଖ ରାତିରେ ଗଣିଆ ପୋଲିସ ୨ ପିକ୍‌ଅପ୍ ଭ୍ୟାନ୍, ଗୋଟିଏ ବୋଲେରୋ ସହ ୨୧ଟି ଗୋରୁ ଓ ଗତ ୧୯ ତାରିଖରେ ଫତେଗଡ଼ ଥାନା ପୋଲିସ ଟ୍ରକ୍ ସହ ୩୦ ଗୋରୁ ଜବତ କରିଥିଲା। ବେଆଇନ ଗୋଚାଲାଣ ରୋକିବା ନେଇ ପ୍ରିଭେନ୍ସନ ଅଫ୍ କ୍ରୁଏଲିଟି ଟୁ ଏନିମଲ ଆଇନ ରହିଥିଲେ ମଧ୍ୟ ନୟାଗଡ଼ ଜିଲାରେ ତାହା ଶୀତଳଭଣ୍ଡାରରେ ପଡ଼ି ରହିଛି। କେତେଜଣ ବ୍ୟବସାୟୀ ଖୋର୍ଦ୍ଧା ଜିଲାର ବେଗୁନିଆ ଅଞ୍ଚଳରେ ନେଇ ଗୋରୁଙ୍କୁ ବଡ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ଆଉ କେତେଜଣ ସିଧାସଳଖ କଲିକତାକୁ ଚାଲାଣ କରୁଛନ୍ତି। ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଥିଲେ ମଧ୍ୟ ଅଧିକାଂଶ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛନ୍ତି। ଆଉ ଜାତୀୟ ରାଜପଥ ସେମାନଙ୍କୁ ଗୋଚାଲାଣ ପାଇଁ ନିରାପଦ ପାଲଟିଛି। ଏଭଳି ଗୋଚାଲାଣ ଲାଗି ରହିଲେ ସମୟ ଆସିବ ଜିଲାରେ ଗୋରୁଙ୍କୁ ଦେଖିବା ସ୍ୱପ୍ନ ହୋଇଯିବ।

### ଆଗରେ ପଛରେ ଏସ୍କର୍ଟ

ଗୋଚାଲାଣ ଟ୍ରକ୍‌ର ଆଗରେ ପଛରେ ଏସ୍କର୍ଟ ଦିଆଯାଉଛି। ରାସ୍ତା କ୍ଲିୟର କରୁଛନ୍ତି କେତେଜଣ ଗୁଣ୍ଡାଶ୍ରେଣୀର ଯୁବକ, ଯେଉଁମାନେ କି ବାଇକ୍ ଯୋଗେ ଯାଉଛନ୍ତି। ପୁଣି ଏକ ଚାରିଚକିଆ ଗାଡ଼ି ବି ନିୟୋଜିତ ରହିଥାଏ। ସେଥିରେ ବି କେତେଜଣ ଯୁବକ ଯାଉଛନ୍ତି। ଏହି ଯୁବକମାନେ ବେକାର। ସେମାନଙ୍କୁ ସ୍ୱଳ୍ପ ସମୟର କାମ ଦିଆଯାଇ ଅଧିକ ପାରିଶ୍ରମିକ ଦିଆଯାଏ। ଭଲରେ ଗୋଚାଲାଣ ହେଲେ ପୁରସ୍କାର ବି ମିଳିଥାଏ। ସେମାନେ ପାଖରେ ବୋମା, ମାରଣାସ୍ତ୍ର, ବନ୍ଧୁକ ରଖିଥାନ୍ତି। ଠିକ୍ ସମୟରେ ଠିକଣା ପଦକ୍ଷେପ ନେବାକୁ ସେମାନଙ୍କୁ ନିର୍ଦ୍ଦେଶ ରହିଛି। ଦରକାର ପଡ଼ିଲେ ଗୁଳିକରି ମାରିଦେବାକୁ ବି କୁହାଯାଇଛି। ଏସ୍କର୍ଟ ଦଳର ସିଗ୍‌ନାଲ ମିଳିବା ପରେ ଗୋରୁ ଟ୍ରକ୍ ଆଗକୁ ବଢ଼େ। ତେବେ ଏସ୍କର୍ଟ ଦଳକୁ ଅସୁବିଧା ଜନଗହଳି ଅଞ୍ଚଳ, ଯେଉଁଠାରେ କି ସେମାନେ ଦୂରତ୍ୱ ରକ୍ଷା କରିଥାନ୍ତି। ତେବେ ପ୍ରକୃତ ଗୋଚାଲାଣକାରୀ ଟ୍ରକ୍‌ରେ ଯାଉନାହାନ୍ତି। ଏସ୍କର୍ଟ ସମ୍ପର୍କରେ ଗତ ମାର୍ଚ୍ଚ ୧ତାରିଖ ରାତିରେ ପ୍ରତାପପ୍ରସାଦ ଦର୍ପନାରାୟଣପୁର ରାସ୍ତାର ଶଙ୍ଖେଇଠାରୁ ୨୧ ଗୋରୁ ଉଦ୍ଧାର ସମୟରେ ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ବିଭିନ୍ନ ସମୟରେ ଏସ୍କର୍ଟ କରି ଯାଉଥିବା ପୋଲିସ ପ୍ରମାଣ ପାଇଛି।

## ବଦଳୁନି ମାନସିକତା

ଗାଈଙ୍କୁ ଦେବତା ରୂପେ ପୂଜା କରାଯାଏ। ୩୩ କୋଟି ଦେବତା କୁଆଡ଼େ ଗାଈଙ୍କ ଦେହରେ ଅବସ୍ଥାନ କରନ୍ତି। ଗୋରୁଙ୍କ ସୁରକ୍ଷାର ନିହାତି ଆବଶ୍ୟକତା ଥିବାବେଳେ ଏହାକୁ ଅଣଦେଖା କରାଯାଉଛି। ସରକାର ଗୋପାଳନ ପାଇଁ ଯେଉଁ ପ୍ରୋତ୍ସାହନ ଦେଉଛନ୍ତି ତା'ର ଠିକ୍ ସମୀକ୍ଷା ହେବା ଉଚିତ। ଗୋଚାଷୀ ଯେପରି ଏହାର ଫାଇଦା ପାଇବ ତା'ର ବ୍ୟବସ୍ଥା କରିବା ଦରକାର। ପୁଣି ବେଆଇନ ଗୋଚାଲାଣ ରୋକିବାକୁ ପୋଲିସ ଓ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖାଇବା ଉଚିତ। ସରକାର ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ନିୟମ ଆଣି ଲଗାମ ଲଗାଇବାର ବ୍ୟବସ୍ଥା କରିବା ଦରକାର। ମାନସିକତାରେ ପରିବର୍ତ୍ତନ ଆସିଲେ ଏହାକୁ ରୋକିହେବ ବୋଲି କୁହାଯାଉଛି।

### ହ୍ରାସ ପାଉଛି ଗୋସମ୍ପଦ

ନୟାଗଡ଼ ଜିଲା ଏକ କୃଷି ପ୍ରଧାନ ଜିଲା। ଏଠାରେ ଘରେ ଘରେ ଲୋକେ ଗୋରୁ ପାଳନ କରୁଥିଲେ। ଗୋସମ୍ପଦ ପାଳନ କରିବା ଦ୍ୱାରା ଭଲ ଲାଭ ହୁଏ। କେତେଜଣ ଲୋକ ଜମି ଚାଷକରିବା ପାଇଁ ଗୋବର ଓ କ୍ଷୀର ବିକ୍ରିକରି ଗୁଜୁରାଣ ମେଣ୍ଟାଇବା ପାଇଁ ଗୋରୁ ପାଳନ କରୁଥିଲେ। ହେଲେ ଧୀରେ ଧୀରେ ବଦଳିଯାଉଛି ଗାଁର ପରିବେଶ। ଗାଁରେ ଆଉ ଗାଈ ଚରାଇବାକୁ ଚରାଳି ମିଳୁନାହାନ୍ତି। ଧୀରେ ଧୀରେ ଗାଈ ବିକ୍ରି ଆରମ୍ଭ ହେଲା। ଦଲାଲମାନେ ଏହାର ଫାଇଦା ନେଲେ। ଗୋପାଳନ ପାଇଁ ସରକାର ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ ପ୍ରୋତ୍ସାହନ ରାଶି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ରହିଛି। ଏଣୁ ଗାଁଗଣ୍ଡାରେ ଆଉ ଆଗଭଳି ଗାଈଗୋଠ ଦେଖିବାକୁ ମିଳୁନାହିଁ। ଫଳରେ ଗୋସମ୍ପଦ ହ୍ରାସ ପାଇ ଚାଲିଛି।

# ରାଜଗିରି ଜଙ୍ଗଲ ୪ ଦିନ ହେଲା ଜଳୁଛି



ଜଳୁଥିବା ଜଙ୍ଗଲ ।

ନୟାଗଡ଼,୨୩।୩(ଲୋକନାଥ ମିଶ୍ର)

ନୟାଗଡ଼ ରେଞ୍ଜ ନୂଆଗାଁ ବ୍ଲକ ରାଜଗିରି ପାହାଡ ୪ ଦିନ ହେଲା ଜଳୁଛି। ବନ ବିଭାଗ ନିଆଁ ଲିଭାଇବାରେ ସଫଳ ହୋଇନାହିଁ। ଜଙ୍ଗଲ ଜଳିବା ଯୋଗୁ ଗାଁ ମୁହାଁ ହେଉଛନ୍ତି ବନ୍ୟପ୍ରାଣୀ। ଏପରି ସମୟରେ ବନ୍ୟପ୍ରାଣୀ ଶିକାର କରିବା ସହଜ ହେଉଛି। ତେବେ ଜଙ୍ଗଲ ନିଆଁ ଲିଭାଇବାରେ ବନ ବିଭାଗ ଅସମର୍ଥ ହେବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହେଉଛି।

# ଭତ୍ତା ମଞ୍ଜୁର ହେଉ ନ ଥିବାରୁ ବିଡିଓଙ୍କୁ ଫେରାଦ ହେଲେ ବୃଦ୍ଧା

ନୟାଗଡ଼,୨୩।୩(ଲୋକନାଥ ମିଶ୍ର)



ଅହଲ୍ୟା ପ୍ରଧାନ।

ନୟାଗଡ଼ ବ୍ଲକ ନୋତର ପଞ୍ଚାୟତ ଶଙ୍ଖେଇ ଗାଁର ଅହଲ୍ୟା ପ୍ରଧାନ(୬୨) ଭତ୍ତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ ହେଁ ପାଉ ନ ଥିବା ଅଭିଯୋଗ ହୋଇ ଆସୁଛି। ଭତ୍ତା ପାଇବା ପାଇଁ ଆବେଦନ କରିଥିବା ବେଳେ ତାଙ୍କୁ କାହିଁକି ଦିଆ ଯାଉନି ସେ ନେଇ ନୟାଗଡ଼ ବିଡଓଙ୍କୁ ଫେରାଦ୍ ହୋଇଥିଲେ। ବିଡିଓଙ୍କ ଉତ୍ତରରେ ବୃଦ୍ଧା ଅସନ୍ତୁଷ୍ଟ ଅଛନ୍ତି। ବାର୍ଦ୍ଧକ୍ୟ ଯୋଗୁ ବଞ୍ଚିବା କଷ୍ଟ ହେଉଥିବାବେଳେ ଔଷଧ କିଣିବାକୁ ପାଖରେ ପଇସା ନାହିଁ। ଭତ୍ତା ତୁରନ୍ତ ମଞ୍ଜୁର କରିବାକୁ ଅହଲ୍ୟା ଜିଲାପାଳ, ବିଡିଓଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷେ ନୟାଗଡ଼ ବିଡଓଙ୍କ ଚିଠି ନଂ ୯୭୩/୧୦।୩।୨୦୨୬ରେ ଅହଲ୍ୟାଙ୍କୁ ଦର୍ଶାଇଛନ୍ତି କ୍ଷେତ୍ର ଯାଞ୍ଚରୁ ଜଣାପଡିଛି ଆପଣଙ୍କର ଭୋଟର ପରିଚୟ ପତ୍ର ଓ ଆଧାର କାର୍ଡ ଅନୁସାରେ ବୟସ ୬୨। ଯୋଜନା ଅନୁସାରେ ଆପଣ ଯୋଗ୍ୟ ହାସଲ କରିଛନ୍ତି। ପ୍ରଚଳିତ ନିର୍ଦ୍ଦେଶାବଳୀ ଅନୁସାରେ ଆପଣଙ୍କର ଦରଖାସ୍ତକୁ ଉପଯୁକ୍ତ ଭାବରେ ବିଚାର କରାଯିବ। ବରିଷ୍ଠତା ଭିତିରେ ପଦକ୍ଷେପ ନିଆଯିବ ବୋଲି ସୂଚନା ରହିଛି।

# ଗୋଡ଼ିପଡ଼ାରେ ଶହୀଦ ଦିବସ

୨୮ ୟୁନିଟ୍ ରକ୍ତ ସଂଗ୍ରହ

ନୟାଗଡ଼/ ଶରଣକୁଳ, ୨୩।୩(ଲୋକନାଥ ମିଶ୍ର/ଦୀପକ କର)

ଲାହୋର ଷଡ଼ଯନ୍ତ୍ର ମାମଲାରେ ବ୍ରିଟିଶ ଦ୍ୱାରା ଫାଶୀଖୁଣ୍ଟରେ ଝୁଲିଥିବା ୩ ଶହୀଦ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ଫାସୀ ଦିବସକୁ ଦେଶବ୍ୟାପୀ ଶହୀଦ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନର ଓଡ଼ଗାଁ ବ୍ଲକ୍ କମିଟି ତରଫରୁ ଗୋଡ଼ିପଡ଼ା ଭଗତ ସିଂ ପ୍ରତିମୂର୍ତ୍ତିଠାରେ ଶହୀଦ ଦିବସ ସୋମବାର ପାଳିତ ହୋଇଯାଇଛି। ସଂଗଠନ ପତାକାକୁ ବ୍ଲକ୍ ସମ୍ପାଦକ ଧୀରେନ ପାତ୍ର ଉତ୍ତୋଳନ କରିଥିଲେ। ସଂଗଠକମାନେ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରିବା ପରେ ଗୋଡ଼ିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ରକ୍ତଦାନ ଶିବିର କରାଯାଇ ୨୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅନ୍ୟପକ୍ଷେ ସନ୍ଧ୍ୟାରେ ଭଗତ ସିଂଙ୍କ ପ୍ରତିମୂର୍ତ୍ତିଠାରେ ବିଭୂତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ସଭାରେ ବକ୍ତାମାନେ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁ କିପରି ବ୍ରିଟିଶ ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମର ଜଣେ ଜଣେ ଅମର ଯୋଦ୍ଧା ଥିଲେ ସେ ନେଇ ଆଲୋକପାତ କରିଥିଲେ। ସମ୍ପୃକ୍ତ ବିପ୍ଳବୀମାନେ ଦେଶ ପାଇଁ ସାଲିସହୀନ ସଂଗ୍ରାମକରି ଫାଶୀଖୁଣ୍ଟରେ ଝୁଲି ଦେଶ ସ୍ୱାଧୀନତା ପାଇଁ ଶହୀଦ ହୋଇଥିଲେ। ଏଣୁ ଭଗତ ସିଂଙ୍କ ସମେତ ଅନ୍ୟ ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଏକତା, ଶାନ୍ତି ଓ ସାମାଜିକ ନ୍ୟାୟ ପାଇଁ କାମ କରିବାକୁ ଶପଥ ଗ୍ରହଣ କରିଥିଲେ। ଏଥିର ସଂଗଠନ ରାଜ୍ୟ ଆବାହକ ସରୋଜ ନାୟକ, ବିଶିଷ୍ଟ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର , ପୂର୍ବତନ ବ୍ଲକ୍ ସମ୍ପାଦକ ପବିତ୍ର ଇନ୍ଦ୍ରଜିତ, ମହିଳା ନେତ୍ରୀ ଜ୍ୟୋତିପ୍ରଭା ଜେନା, କୃଷକ ନେତା ନିରଞ୍ଜନ ସାହୁ , କପିଳ ସାହୁ, ଲକ୍ଷ୍ମୀଧର ପ୍ରଧାନ ଓ ବେଣୁଧର ମାର୍ଥା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହାକୁ ସାମାଜିକ କର୍ମୀ ସନ୍ତୋଷ ଷଡ଼ଙ୍ଗୀ ପରିଚାଳନା କରିଥିଲେ।




ରକ୍ତଦାନ କରାଯାଉଛି।

# ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ

ନୂଆଗାଁ,୨୩।୩ (ଧନେଶ୍ୱର ସାହୁ)



ଅମରେନ୍ଦ୍ର ସାହୁ

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଥିବା ସମସ୍ତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ)ମାନଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଦାବିରେ ଓଡ଼ିଶା ଷ୍ଟେଟ ଏମ୍‌ସି ଏବଂ ଏପିଓ ଆସୋସିଏଶନ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ କରାଯାଇଛି। ନୂଆଗାଁ ଏପିଓ ଅମରେନ୍ଦ୍ର ସାହୁ ମଧ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରୁଥିବା ସୂଚନା ଦେଇଛନ୍ତି। ଦୀର୍ଘ ୧୫ ବର୍ଷର ନିରନ୍ତର ସେବା ପରେ ମଧ ବ୍ଲକଗୁଡିକରେ କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନାହିଁ। ଏହି ପ୍ରତିବାଦ ୧୮ ତାରିଖଠାରୁ ଆରମ୍ଭ ହୋଇ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲିବ। ୩୧ ମାର୍ଚ୍ଚ ସୁଦ୍ଧା ସମସ୍ତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ତୁରନ୍ତ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଏପିଓ ଏବଂ ଏମସି ମାନଙ୍କର ଚାକିରୀ ନିୟମିତ କରିବା ପାଇଁ ଉଚିତ୍ ପଦକ୍ଷେପ ନିଆନଯାଏ, ତେବେ ସଂଘ ଆଗାମୀ ଦିନରେ ନିଜର ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ ବୋଲି ଏପିଓ ସାହୁ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ କ୍ଷୀରାବ୍ଧୀ ତନୟା



@ ପ୍ରଭାସ



@ ସଂଗ୍ରାମ



@ ଶୁଭଲକ୍ଷ୍ମୀ



@ ନିଲୋଫର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଣ୍ଡିଆ ୨ କେଜି ପାଇଲେନି ହିତାଧିକାରୀ

■୭୧୩ ହିତାଧିକାରୀଙ୍କ ବଣ୍ଟନରେ ଚଞ୍ଚକତା
■ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ୍

ନୟାଗଡ,୨୩।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡଗାଁ ବ୍ଲକ କଜଳାଇପଲ୍ଲୀ ପଞ୍ଚାୟତରେ ୭୧୩ ହିତାଧିକାରୀଙ୍କୁ ମାଣ୍ଡିଆ ବଣ୍ଟନରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ଉଠିଛି। ଜଣେ ହିତାଧିକାରୀ ପିଛା ୨ କେଜି ଲେଖାଏ ମାଣ୍ଡିଆକୁ ଗାଏବ କରାଯାଇଥିବା ମୁଖ୍ୟମନ୍ତ୍ରୀ ଓ ଫୁଡ ସପ୍ଲାଏ ଓ କଞ୍ଜୁମର ୱେଲଫେୟାର ବିଭାଗ ଡେପୁଟି ସେକ୍ରେଟାରୀଙ୍କ ନିକଟରେ ଫେରାଦ୍ ହୋଇଛନ୍ତି। ପାଣିଭଣ୍ଡାରର ବୈକୁଣ୍ଠ ଡାକୁଆ ଏନେଇ ପଦକ୍ଷେପ ନେବାକୁ ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀଙ୍କୁ ନିବେଦନ କରିଛନ୍ତି।

# ଛାତ୍ରୀମାନଙ୍କ ଶିକ୍ଷାଭିତ୍ତିକ ଭ୍ରମଣ

ପିଏମ୍‌ଶ୍ରୀ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଖଣ୍ଡପଡ଼ା,୨୩।୩ (ଅଜୟ କୁମାର ମହାରଣା)

ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ପିଏମ୍‌ଶ୍ରୀ ବିଦ୍ୟାଳୟ ପର୍ଯ୍ୟାୟରେ ସାମିଲହେବା ପରେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ନେଇ ଏକ ଶିକ୍ଷାଭିତ୍ତିକ ଭ୍ରମଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀମାନଙ୍କୁ ଭୁବନେଶ୍ୱର ସ୍ଥିତ ନନ୍ଦନକାନନ, ରାଜ୍ୟ ସଂଗ୍ରହାଳୟ, ପଠାଣି ସାମନ୍ତ ପ୍ଲାନେଟାରିୟମ ଏବଂ ବାଘମାରୀ ସ୍ଥିତ ରାଜ୍ୟର ପ୍ରମୁଖ ଉଷ୍ମ ପ୍ରସ୍ରବଣ ସ୍ଥଳ ଅତ୍ରି ଆଦି ପରିଭ୍ରମଣକରି ଜ୍ଞାନ ଆହରଣ କରିଥିଲେ । ଭ୍ରମଣ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା, ସହକାରୀ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା, ସରିତା ମହାରଣା, ମନସ୍ୱିନୀ ସ୍ୱାଇଁ, ନିବେଦିତା ସାହୁ, ସହକାରୀ ଶିକ୍ଷକ ହୃଦାନନ୍ଦ ପ୍ରଧାନ, ନୀହାର ରଞ୍ଜନ ମିଶ୍ର, ରାଜୀବ ଲୋଚନ ନାୟକ, ବାସୁଦେବ ପରିଡ଼ା ଓ ଦୀପ୍ତିରଞ୍ଜନ ଶିରୋମଣି ପ୍ରମୁଖ ସାମିଲ ହୋଇଥିଲେ ।



ଭ୍ରମଣରେ ଯାଇଥିବା ଛାତ୍ରୀମାନେ।

# ଆୟୁର୍ବେଦିକ ଚିକିତ୍ସାଳୟ: ନିଘୋଡ଼ ନିଦରେ ଚିକିତ୍ସା ସହାୟକ

■ସପ୍ତାହରେ ଗୋଟିଏ ଦିନ ଆସୁଛନ୍ତି ଡାକ୍ତର
■ବର୍ଷକରେ ଥରେ ଆସୁଛି ଔଷଧ

ନୂଆଗାଁ, ୨୩।୩ (ଧନେଶ୍ୱର ସାହୁ)



କାର୍ଯ୍ୟ ସମୟରେ ନିଦରେ ଶୋଇଛନ୍ତି ଚିକିତ୍ସା ସହାୟକ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ସିଙ୍ଗାରପଲି ପଞ୍ଚାୟତ ସେକ୍ରେଟରୀଠାରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ସୋମବାର କାର୍ଯ୍ୟ ଦିବସରେ ଡାକ୍ତରଙ୍କ ଚୌକି ଖାଲି ପଡ଼ିଥିବା ବେଳେ ଚିକିତ୍ସକ ସହକାରୀ ଗୋଟିଏ ରୁମ୍‌ରେ ନିଘୋଡ଼ ନିଦରେ ଶୋଇଥିବା ଅଭିଯୋଗ ହେଉଛି। ଜନସାଧାରଣଙ୍କୁ ନୀରୋଗ ରଖିବା ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଜାତୀୟ ଆୟୁଷ ମିଶନ ମାଧ୍ୟମରେ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଛି। ସେହିକ୍ରମରେ ନୂଆଗାଁ ବ୍ଲକ୍‌ର ସିଙ୍ଗାରପଲି ପଞ୍ଚାୟତର ସେକ୍ରେଟରୀ ଗ୍ରାମରେ ୧୯୮୨ ରେ ଆୟୁର୍ବେଦିକ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଇଥିଲା; ଯାହାଦ୍ୱାରା ଆଖପାଖ ପ୍ରାୟ ଅନେକ ଗ୍ରାମବାସୀ ଉପକୃତ ହେଉଥିଲେ। କିନ୍ତୁ ବର୍ତ୍ତମାନ ଡାକ୍ତରଖାନାରେ ନିୟୋଜିତ ଥିବା କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକମାନଙ୍କ ଭରସା ତୁଟିବାରେ ଲାଗିଛି। ଉକ୍ତ ଚିକିତ୍ସାଳୟରେ ଜଣେ ଆୟୁଷ ଡାକ୍ତର ଜଣେ ଚିକିତ୍ସା ସହାୟକ , ଜଣେ ପିଅନ ଓ ୧ ରାତି ଜଗୁଆଳି ଅଛନ୍ତି। ତେବେ କର୍ମଚାରୀମାନେ ନିଜ ଇଚ୍ଛାରେ ଆସୁଥିବା ଅଭିଯୋଗ ହେଉଛି। ଦୀର୍ଘ ବର୍ଷ ହେଲା ସ୍ଥାୟୀ ଡାକ୍ତର ନ ଥିବାରୁ ଜଣେ ଡାକ୍ତର ଡେପୁଟେଶନରେ ଆସି କାର୍ଯ୍ୟ କରୁଛନ୍ତି। ଡାକ୍ତର ସପ୍ତାହରେ ୨ଦିନ ଆସିବା ପାଇଁ ସ୍ଥିର ହୋଇଥିବା ବେଳେ ସେ ଗୋଟିଏ ଦିନ ଆସୁଛନ୍ତି। ସୋମବାର କାର୍ଯ୍ୟ ଦିବସରେ ଡାକ୍ତରଙ୍କ ଅନୁପସ୍ଥିତିରେ ଚିକିତ୍ସା ସହାୟକ ରୋଗୀ ଦେଖିବା କଥା। କିନ୍ତୁ ଚିକିତ୍ସା ସହାୟକ ଗୋଦାବରୀଶ ପଣ୍ଡା ଡାକ୍ତରଖାନାର ଏକ କୋଠରିରେ ସକାଳ ୯.୩୦ ସମୟରେ ଏକ ଲୁଙ୍ଗି ପିନ୍ଧି ନିଘୋଡ଼ ନିଦରେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ଡାକି ଉଠାଇବା ପରେ ସେ ଡାକ୍ତରଖାନାର ଅବ୍ୟବସ୍ଥା ବାବଦରେ କହିଥିଲେ। ଏଠାକୁ ପ୍ରତିଦିନ ୧୦/୧୨ ଜଣ ରୋଗୀ ଔଷଧ ନେବାକୁ ଆସୁଥିବା ବେଳେ କେହି ସ୍ଥାୟୀ ଡାକ୍ତର ନାହାନ୍ତି। ଡେପୁଟେଶନରେ ଆସୁଥିବା ଡାକ୍ତର କେବଳ ଗୁରୁବାର ଆସନ୍ତି। ଆବଶ୍ୟକ ମୁତାବକ ଔଷଧ ଯୋଗାଇ ଦିଆଯାଉ ନାହିଁ। ବର୍ଷକରେ ଗୋଟିଏ ଥର ଔଷଧ ଦିଆଯାଉଛି , ଯାହାକି କମ୍ ଦିନରେ ଶେଷ ହୋଇଯାଉଛି ବୋଲି ପଣ୍ଡା କହିଛନ୍ତି। ଚିକିତ୍ସାଳୟ ଖୋଲାଥିବା ସମୟରେ ଶୋଇବା ବାବଦରେ ପଣ୍ଡାଙ୍କୁ ପଚାରିବାରେ ରୋଷେଇ ବସେଇ ଥିଲି ତ ଟିକେ ନିଦ ହୋଇଯାଇଥିଲା ବୋଲି କହିଥିଲେ। ତେବେ ଡାକ୍ତରଙ୍କ ଅନୁପସ୍ଥିତି ବିଷୟରେ ବୁଝିବା ପାଇଁ ଡାକ୍ତରଙ୍କ ଫୋନ୍ ନମ୍ବର ମାଗିବାରେ କାହାରିକୁ ନମ୍ବର ନ ଦେବା ପାଇଁ ଡାକ୍ତର ମନା କରିଛନ୍ତି ବୋଲି କହିଥିଲେ। ସହାୟକ ନିଜ ଫୋନ୍‌ରୁ ଡାକ୍ତରଙ୍କୁ ଫୋନ୍ କରି କଥା କରାଇବାରେ ମୁଁ ସେହି ଡାକ୍ତରଖାନାକୁ ଡେପୁଟେଶନରେ ସପ୍ତାହରେ ୨ ଦିନ ଯାଉଛି। ମୁଁ ରେଗୁଲାର ଡାକ୍ତର ନୁହେଁ, ତେଣୁ କିଛି କହିପାରିବି ନାହିଁ ବୋଲି ଡାକ୍ତର ଆଲୋକ ପଟ୍ଟନାୟକ କହିଥିଲେ।

